بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 35-36

ସାପ୍ତାହିକ ବଦର Weekly BADAR Qadian କାଦିଆନ Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

27 ଅଗଷ୍ଟ- 03 ସେପ୍ଟେମ୍ବର 2020 | 27 ଜହୁର୍- 03 ତବୁକ୍ 1399 ହି.ଶ | 7-14 ମୋହରମ୍ 1442 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

اَلَمۡ تَرَ اِلَی الَّذِیۡنَ یُزَکُّوۡنَ اَنۡفُسَہُمۡ ؕ بَلِ اللّٰہُ یُزَکِّیۡ مَنۡ یَّشَآءُ وَلَا یُظۡلَمُوۡنَ فَتِیۡلًا ○

(النساء:50)

ଅନୁବାଦ- ଯେଉଁମାନେ ନିଜକୁ ପବିତ୍ର ମନେକରୁଛନ୍ତି କଣ ତୁମକୁ ସେମାନଙ୍କ ଅବସ୍ଥା ଜଣା ନାହିଁ? (ଏପରି କହିବା ଅଧିକାର ସେମାନଙ୍କର ନାହିଁ) ବରଂ ଅଲ୍ଲାଃ ଯାହାକୁ ପସନ୍ଦ କରନ୍ତି ତାହାକୁ ପବିତ୍ର ସାବ୍ୟସ୍ତ କରାନ୍ତି; ଏବଂ ସେମାନଙ୍କ ପ୍ରତି ଖଜୁରି ମଞ୍ଜିର ରନ୍ଧ୍ର ସଦୃଶ କ୍ଷୁଦ୍ର ଅନ୍ୟାୟ ମଧ୍ୟ କରାଯିବ ନାହିଁ। *(ନିସା: ୫୦)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି। (ଅଲ୍ହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ। ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍ଲନା ଫି'ଉମ୍ରିହି ୱ ଅମ୍ରିହି ॥**

**ମଣିଷ ସେ ପର୍ଯ୍ୟନ୍ତ କେବେବି ସ୍ୱାଲେହ (ପୂଣ୍ୟବାନ) ବୋଲାଇନଥାଏ ଯେ ପର୍ଯ୍ୟନ୍ତ ସେ ଖରାପ ଓ ଅନୈତିକ ଧର୍ମ ବିଶ୍ୱାସଠାରୁ ଦୁରେଇ ନଯାଇଛି ଓ ତା'ର କର୍ମ ମଧ୍ୟ ବିଭ୍ରାଟମୁକ୍ତ ନ ହୋଇଛି।**

**ଅପବ୍ୟୟୀ ବ୍ୟକ୍ତି ନିଜର ଅର୍ଥକୁ ନଷ୍ଟ କରିଥାଏ ଯେବେ କି ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରୁଥିବା ବ୍ୟକ୍ତି ତାହାକୁ ପୂନର୍ବାର ପ୍ରାପ୍ତ କରିଥାଏ ଓ ଖର୍ଚ୍ଚଠାରୁ ଅଧିକା ପାଇଥାଏ। ସେଥିଯୋଗୁଁ ହିଁ ମିମ୍ମା ରଜକ୍ନାହୁମ୍ ୟୁନ୍‌ଫିକୁନ** ର ନିର୍ଦ୍ଦେଶ ରହିଛି।

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କର ଅମୃତବାଣୀ

ସୁରା ଅସର୍‌ରେ ଦୁଇଟି ଗୋଷ୍ଠିର କଥା ବର୍ଣ୍ଣନା କରାଯାଇଅଛି। ଗୋଟିଏ ହେଉଛି ପୂଣ୍ୟବାନମାନଙ୍କର ଗୋଷ୍ଠି ଓ ଦ୍ୱିତୀୟଟି ହେଉଛି ଅମାନ୍ୟକାରୀ ଓ ଖଳପ୍ରକୃତିର ଲୋକମାନଙ୍କର ଗୋଷ୍ଠି। ଖଳ ଲୋକମାନଙ୍କର ଉଦାହରଣ ଏପରି ଦିଆଯାଇଛି **ଇନ୍ନଲ୍ ଇନ୍‌ସାନା ଲଫି ଖୁସ୍‌ରିନ୍ (ଅଲ୍‌ଅସର୍:୩)** ଓ ଅନ୍ୟ ଗୋଷ୍ଠିଟିକୁ ଏପରି ଅଲଗା କରାଯାଇଛି- **ଇଲ୍ଲଲ୍‌ଲଜିନା ଆମନୁ ୱ ଅମିଲୁସ୍ ସ୍ୱାଲିହାତି (ଅଲ୍‌ଅସର:୪)** ଅର୍ଥାତ ଗୋଟିଏ ଗୋଷ୍ଠି ଏପରି ଅଛି ଯିଏ ଅତ୍ୟନ୍ତ କ୍ଷତିରେ ପଡ଼ିଛନ୍ତି କିନ୍ତୁ ସେହି କ୍ଷତିରେ ମୋମିନ୍ ଓ ସତ୍‌କର୍ମ କରୁଥିବା ଲୋକମାନେ ଅନ୍ତର୍ଭୁକ୍ତ ନୁହନ୍ତି। ଏକଥା ମନେରଖ ଯେ ସ୍ୱାଲେହ ଶବ୍ଦଟି ସେହିଠାରେ ବ୍ୟବହାର ହୋଇଥାଏ ଯେଉଁଠି ଫସାଦ୍ ଅର୍ଥାତ ବିଭ୍ରାଟର କିଛି ଚିହ୍ନବର୍ଣ୍ଣ ନଥାଏ। ମଣିଷ ସେ ପର୍ଯ୍ୟନ୍ତ କେବେବି ସ୍ୱାଲେହ (ପୂଣ୍ୟବାନ) ବୋଲାଇନଥାଏ ଯେ ପର୍ଯ୍ୟନ୍ତ ସେ ଖରାପ ଓ ଅନୈତିକ ଧର୍ମ ବିଶ୍ୱାସଠାରୁ ଦୁରେଇ ନଯାଇଛି ଓ ତା'ର କର୍ମ ମଧ୍ୟ ବିଭ୍ରାଟମୁକ୍ତ ନ ହୋଇଛି। ମୁତ୍‌ତକି ଶବ୍ଦଟି (ଆରବୀ ବ୍ୟାକରଣ ଅନୁସାରେ) ବାବ୍ ଇଫ୍‌ତିଆଲ୍‌ରୁ ଆସିଅଛି। ଏହି ବାବଦ୍ କୃତ୍ରମତା ପାଇଁ ବ୍ୟବହାର ହୋଇଥାଏ। ଏଥିରୁ ଜଣାପଡୁଛି ଯେ ମୁତ୍‌ତକି (ଅର୍ଥାତ ଧର୍ମପରାୟଣ ବ୍ୟକ୍ତି)ଙ୍କୁ ବହୁତ ଚେଷ୍ଟା କରିବାକୁ ପଡ଼ିଥାଏ। ଏହିଭଳି ଅବସ୍ଥାରେ ସେ ନଫ୍‌ସେ ଲଓ୍ୱାମା ଅନ୍ତର୍ଗତ ରହିଥାଏ, ଯେତେବେଳେ ପାଶବିକ ଜୀବନ ଅତିବାହିତ କରିଥାଏ ସେତେବେଳେ **ଅମ୍ମାରାଃ** ଅନ୍ତର୍ଗତ ରହିଥାଏ। ସେ ଯେତେବେଳେ ପୂର୍ଣ୍ଣ ଚେଷ୍ଟା କରି ଆଗକୁ ବଢ଼ିଥାଏ ସେତେବେଳେ ସେ **ମୁତ୍‌ମଇନ୍ନାଃ** (ଆତ୍ମସନ୍ତୋଷ) ଅନ୍ତର୍ଗତ ରହିଥାଏ। ସେଥିଯୋଗୁଁ ମୁତ୍‌ତକିର ଶାନ୍ (ସମ୍ମାନ)ରେ ଏହା କୁହାଯାଇଅଛି ଯେ ସେ ନମାଜକୁ ଦଣ୍ଡାୟମାନ ରଖିଥାନ୍ତି। ଅର୍ଥାତ ଏକପ୍ରକାରର ଯୁଦ୍ଧର ଅବସ୍ଥା ରହିଥାଏ। ବିଭିନ୍ନ ପ୍ରକାରର ବିଭ୍ରାନ୍ତି ଓ ବିଶୃଙ୍ଖଳା ଆସି ବ୍ୟତିବ୍ୟସ୍ତ କରିପକାନ୍ତି। କିନ୍ତୁ ସେ ବ୍ୟସ୍ତ ହୁଏ ନାହିଁ ଓ ଏହି ଭ୍ରାନ୍ତଚିନ୍ତା ତାକୁ ହତାଶ କରେନାହିଁ। ସେ ବାରମ୍ବାର ଅଲ୍ଲାଃଙ୍କଠାରୁ ସାହାଯ୍ୟ ଲୋଡ଼ିଥାଏ ଓ ଅଲ୍ଲାଃଙ୍କ ସମ୍ମୁଖରେ ରଡ଼ିଛାଡ଼ିଥାଏ ଓ କାନ୍ଦେ ଏପରି କି ସେ ବିଜୟୀ ହୋଇଥାଏ। ସେହିପରି ଧନଖର୍ଚ୍ଚ କରିବାପାଇଁ ମଧ୍ୟ ଶଇତାନ୍ ତାକୁ ରୋକିଥାଏ। ଧନର ଅପବ୍ୟୟ କରିବା ଓ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବା ଏକା ବୋଲି ଦର୍ଶାଇଥାଏ। ଅଥଚ ଏହି ଦୁଇଟି ମାର୍ଗ ଭିତରେ ଆକାଶ ଓ ପାତାଳର ତଫାତ୍ ରହିଛି। ଅପବ୍ୟୟୀ ବ୍ୟକ୍ତି ନିଜର ଅର୍ଥକୁ ନଷ୍ଟ କରିଥାଏ ଯେବେ କି ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରୁଥିବା ବ୍ୟକ୍ତି ତାହାକୁ ପୂନର୍ବାର ପ୍ରାପ୍ତ କରିଥାଏ ଓ ଖର୍ଚ୍ଚଠାରୁ ଅଧିକା ପାଇଥାଏ। ସେଥିଯୋଗୁଁ ହିଁ ମିମ୍ମା ରଜକ୍ନାହୁମ୍ ୟୁନ୍‌ଫିକୁନ୍ (ଅଲ୍‌ବକ୍‌ରାଃ:୪) କହିଛନ୍ତି।

କଥା ହେଉଛି ଏହା କି ସୁଲାହ୍ ଅବସ୍ଥାରେ ମଣିଷ ପାଇଁ ଏହା ଜରୁରୀ ଅଟେ ଯେ ସେ ପ୍ରତ୍ୟେକ ପ୍ରକାରର ଫିସାଦ୍ (ବିଭ୍ରାଟ)ରୁ ବଂଚିତ ରହୁ। ତାହା ଆତ୍ମା ସମ୍ବନ୍ଧୀୟ ହେଉ ବା କର୍ମ ସମ୍ବନ୍ଧୀୟ। ଯେମିତି ମଣିଷର ଶରୀର ସେତେବେଳେ ସାମର୍ଥ୍ୟ ରଖିଥାଏ ଯେତେବେଳେ ମଣିଷର ସମସ୍ତ ମିଶ୍ରିତ କିମିଆର ମିଶ୍ରଣ ସମାନ ଅବସ୍ଥାରେ ଥାଆନ୍ତି ଓ କୌଣସି ବସ୍ତୁ ଅସନ୍ତୁଳିତ ନଥାଏ। କିନ୍ତୁ ଯଦି କୌଣସି ଏକଭାଗ ବଢ଼ିଯାଏ, ଶରୀର ରୋଗାକ୍ରାନ୍ତ ହୋଇଯାଏ। ସେହିପରି ଆତ୍ମା ଶୁଦ୍ଧ ରହିବାର ଆଧାର ମଧ୍ୟ ସନ୍ତୁଳନ ଉପରେ ତିଷ୍ଠି ରହିଛି। ଏହାକୁ ପବିତ୍ର କୁର୍‌ଆନ୍‌ର ଭାଷାରେ **ଅସ୍‌ସିରାତଲ୍ ମୁସ୍‌ତକିମ୍** କୁହାଯାଇଅଛି। ସୁଲାହ ଅବସ୍ଥାରେ ମଣିଷ କେବଳ ଖୁଦାଙ୍କର ହିଁ ହୋଇଯାଇଥାଏ। ଯେମିତି ହଜ୍‌ରତ୍ ଅବୁବକର୍ ସଦ୍ଦିକ୍ ର:ଅଙ୍କର ଅବସ୍ଥା ଥିଲା। ଧିରେ ଧିରେ ସ୍ୱାଲେହ୍ (ପୂଣ୍ୟବାନ) ବ୍ୟକ୍ତି ଉନ୍ନତି କରି **ମୁତ୍‌ମଇନ୍ନାଃ** ର ସ୍ତରକୁ ପହଂଚିଯାଏ। ଏହିଠାରେ ହିଁ ତା'ର ହୃଦୟ ଖୋଲିଯାଇଥାଏ। ଯେମିତି ରସୁଲୁଲ୍ଲାଃ ସ:ଆ:ସଙ୍କୁ ଅଲ୍ଲାଃ ସମ୍ବୋଧନ କରି କହିଲେ **ଅଲମ୍ ନଶ୍‌ରହ୍‌ଲକା ସଦ୍‌ରକା** (ଅଲମ୍ ନଶ୍‌ରହ୍:୨) ଆମେ ହୃଦୟ ଖୋଲିବାର ଅବସ୍ଥାକୁ ଶବ୍ଦରେ ବର୍ଣ୍ଣନା କରିପାରିବୁ ନାହିଁ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୭୨-୧୭୩ ପ୍ରକାଶନ୨୦୧୮ କାଦିୟାନ)*

**ପବିତ୍ର କୁର୍‌ଆନ୍‌ରେ ଯେଉଁଠାରେ ମଧ୍ୟ ନମାଜ ପଢ଼ିବା ପାଇଁ ନିର୍ଦ୍ଦେଶ ରହିଛି ସେଠାରେ ବାଯାମତ୍ (ସାମୁହିକ) ନମାଜ ପାଠର ନିର୍ଦ୍ଦେଶ ରହିଛି।**

**ଯେଉଁ ବ୍ୟକ୍ତି ବିନା କୌଣସି କାରଣରେ ବାଯାମତ୍ ନମାଜକୁ ଛାଡ଼ିଥାଏ, ସେ ଏକାକି ଘରେ ନମାଜ ପଢ଼ିଲେ ମଧ୍ୟ ତା'ର ନମାଜ ହେବ ନାହିଁ।**

ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ କହିଛନ୍ତି ଯେ ସାମୁହିକ ନମାଜର ଆବଶ୍ୟକତାକୁ ସାଧାରଣତଃ ମୁସଲମାନ ଭୁଲି ଯାଇଛନ୍ତି। ଏହା ମୁସଲମାନମାନଙ୍କ ନିଜ ଭିତରେ ବିଭେଦ ଓ ଭିନ୍ନମତର ଗୋଟିଏ କାରଣ ଅଟେ। ଅଲ୍ଲାଃ ତାଲା ଏହି ଉପାସନାରେ ଅନେକ ବ୍ୟକ୍ତିଗତ ଓ ଗୋଷ୍ଠିଗତ କଲ୍ୟାଣମାନ ନିହିତ ରଖିଅଛି କିନ୍ତୁ ଦୁଃଖର ବିଷୟ ଯେ ମୁସଲମାନମାନେ ଏହାକୁ ପାସୋରି ଦେଇଛନ୍ତି। ପବିତ୍ର କୁରାନ୍ ଯେଉଁଠାରେ ମଧ୍ୟ ନମାଜ ସମ୍ବନ୍ଧରେ ନିର୍ଦ୍ଦେଶ ଦେଇଅଛି ସେଠାରେ ସାମୁହିକ ନମାଜର ନିର୍ଦ୍ଦେଶ ଅଛି। ଏକୁଟିଆ ନମାଜ ପଢ଼ିବାର କେଉଁଠି ଆଦେଶ ନାହିଁ। ଏଥିରୁ ଜଣାପଡ଼େ ଯେ ସାମୁହିକ ନମାଜ ପାଠ କରିବା ଧର୍ମର ମୂଳ କାରଣ ମଧ୍ୟରୁ ବିଶେଷ ଗୋଟିଏ କାରଣ ଅଛି ବରଂ କୁରାନ୍ ଆୟତରୁ ଦେଖିଲେ ଜଣାପଡ଼େ ଯେ ଯେଉଁଠି ନମାଜ ପଢ଼ିବାର ହୁକୁମ୍ ଦିଆଯାଇଛି ସେଠାରେ, ନମାଜ ବା ଜମାତ୍ (ସମାହୁକ ନମାଜ) ନିର୍ଦ୍ଦେଶ ଦିଆଯାଇଅଛି। ଅତଏବ ଏଥିରୁ ପ୍ରାଞ୍ଜଳ ଭାବରେ ଏହି ଅର୍ଥ ଗ୍ରହଣ କରାଯିବ ଯେ କୁରାନ୍ ନିକଟରେ ନମାଜ କେବଳ ମାତ୍ର ସେତିକି ବେଳେ ପଢ଼ାଯାଏ ଯେତେବେଳେ ବାଯମାତ୍ (ସାମୁହିକ ଭାବରେ) ହିଁ ପଢ଼ାଯାଏ, ଯଦିଚ କୌଣସି ଏପରି ମଜବୁରି ଆସୁ ଯାହା ଚିକିତ୍ସା ବିହିନ (ମଜବୁରୀ) ଘଟିଥାଏ। ତେଣୁ ଯଦି କୌଣସି ବ୍ୟକ୍ତି ରୋଗାକ୍ରାନ୍ତ ଥାଏ, ସହରରୁ ବାହାରେ ଥାଏ, ଭୁଲିଯିବାର ରୋଗଥାଏ ବା ଆଉ କୌଣସି ମୁସଲମାନ ସେଠାରେ ନଥାନ୍ତି। ଏହି ସମସ୍ତ ଅବସ୍ଥା ବ୍ୟତିତ ଯଦି ସେ ଏକାକୀ ଘରେ ନମାଜ ପାଠ କରେ ତା ହେଲେ ତା'ର ନମାଜ ହେବ ନାହିଁ ସେ ନମାଜ ଛାଡ଼ି ଦେଲାବାଲାଙ୍କ ମଧ୍ୟରେ ପରିଗଣିତ ହେବ।

କୁରାନ୍‌ରେ ଯେଉଁ ସ୍ଥାନମାନଙ୍କରେ ନମାଜ ପଢ଼ିବାର ହୁକୁମ ଆସିଛି ସେଠି ଅକିମିସ୍ ସଲାତା ଶବ୍ଦଟି ବ୍ୟବହାର ହୋଇଛି, କେବେ ହେଲେ ସଲ୍ଲୁ ଶବ୍ଦ ବ୍ୟବହୃତ ନାହିଁ, ଏହି ବିଷୟଟି ଖୋଲା ଖୋଲା ଦଲିଲ ଅଟେଯେ ଫରଜ୍ ନମାଜକୁ ବାଜମାଅତ୍ ପଢ଼ାଯାଉ, ବିନା ଯମାତ୍‌ରେ ପଢ଼ିବା କେବଳ କୌଣସି ମଜ୍‌ବୁରୀ ଅନ୍ତର୍ଗତ ଯାଏଜ ଅଛି ଉଦାହରଣ ସ୍ୱରୁପ ଜଣେ ଠିଆ ହୋଇ ନମାଜ ପଢ଼ିପାରୁନାହିଁ ତା ହେଲେ ତା ପାଇଁ ବସିକି ପଢ଼ିବାର ଅନୁମତି ଅଛି, ଯଦି କେହି ଠିଆ ହୋଇକି ନମାଜ ପଢ଼ିପାରେ କିନ୍ତୁ ବସିକି ପଢ଼େ ତା ହେଲେ ସେ ପାପୀ ହୋଇବ ଠିକ୍ ସେହିପରି ଯାହାକୁ ବାଜମାଅତ୍ ନମାଜ ପଢ଼ିବାର ଅବସର ମିଳେ କିନ୍ତୁ ସେ ବାଜମାତ୍ ନମାଜ ପଢ଼େ ନାହିଁ ତା ହେଲେ ସେ ପାପୀ ହୋଇଯିବ।

## ଅଜାନ୍‌ର ଗୁରୁତ୍ୱ ଓ ବୈଶିଷ୍ଟ୍ୟ

✲ ହଜ୍‌ରତ୍ ଅବୁ ସଇଦ୍ ଖୁଦ୍‌ରି ରଜିୟଲ୍ଲାହୁ ଅନ୍‌ହୁ ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ:- ଯେବେ ତୁମେ ଅଜାନ୍‌ର ଶବ୍ଦକୁ ଶୁଣିବାକୁ ପାଅ ସେତେବେଳେ ମୁଅଜ୍ଜନ୍ (ଅର୍ଥାତ ଅଜାନ୍ ଦେଉଥିବା ବ୍ୟକ୍ତି କହୁଥିବା ବାକ୍ୟଗୁଡ଼ିକୁ ଦୋହରାଅ।

✲ ହଜ୍‌ରତ୍ ଜାବି୍‌ର ବିନ୍ ଅବ୍‌ଦୁଲ୍ଲାହ୍ ରଜିୟଲ୍ଲାହ୍ ରଜିୟଲ୍ଲାହୁ ଅନ୍‌ହୁଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ:- ଯେଉଁ ବ୍ୟକ୍ତି ଅଜାନ୍ ଶୁଣୁଥିବା ସମୟରେ ଏହି ଦୁଆଟିକୁ ପାଠ କରିଥାଏ ଅର୍ଥାତ:- **ଅଲ୍ଲାହୁମ୍ମା ରବ୍‌ବା ହାଜିହିଦ୍ ଦାଓ୍ୱତିତ୍ ତାମ୍ମତି ୱସ୍ ସଲାତିଲ୍ କାଇମାଃ ଆତି ମୁହମ୍ମଦଲ୍ ୱସିଲତା ୱଲ୍‌ଫଜିଲତା ୱବ୍‌ଅସ୍‌ହୁ ମକାମମ୍ ମହ୍‌ମୁଦଲ୍ ଲଜି ୱଅତ୍‌ତହୁ।** ତା ପାଇଁ କୟାମତ ଦିନ ମୋର ସୁପାରିଶ୍ ଧାର୍ଯ୍ୟ ହୋଇଯିବ।

✲ ହଜ୍‌ରତ୍ ଅବୁ ହୁରୈରାଃ ରଜିୟଲ୍ଲାହୁ ଅନ୍‌ହୁଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ:- ଯଦି ଲୋକମାନେ ଏକଥା ଜାଣିନିଅନ୍ତି ଯେ ଅଜାନ୍ ଦେବାରେ ଓ ନମାଜର ପ୍ରଥମ ଧାଡ଼ିରେ ଛିଡ଼ା ହେବାର କଣ ସବୁ (ପୂଣ୍ୟ) ରହିଛି ତେବେ ଗୋଳାପକାଇବାକୁ ପଛାଇବେ ନାହିଁ। ସେହିପରି ଯଦି ସେମାନେ ଏହା ଜାଣିନିଅନ୍ତି ଯେ ଜୋହର୍ ନମାଜକୁ ପ୍ରାରମ୍ଭିକ ସମୟରେ ପଢ଼ିବାରେ କି ପ୍ରକାରର (ପୂଣ୍ୟ) ରହିଛି, ତେବେ ସେମାନେ ସେଥି ସକାଶେ ଧାଇଁଯାଆନ୍ତେ ଏବଂ ଯଦି ସେମାନେ ଏକଥା ଜାଣିନିଅନ୍ତେ ଯେ ଇଶା ଓ ଫଜର୍ ନମାଜ୍ ପାଠ କଲେ କଣ ସବୁ (ପୂଣ୍ୟ) ରହିଛି ତେବେ ସେମାନେ ଚାଲିଆସନ୍ତେ, ଯଦି ତାଙ୍କୁ ଘୁସୁରି ଘୁସୁରି ଆସିବାକୁ ପଡ଼େ ମଧ୍ୟ ସେ ଆସନ୍ତେ। ***(ସହି ବୁଖାରୀ, କିତାବୁଲ୍ ଅଜାନ୍, ପ୍ରକାଶନ ୨୦୦୬, କାଦିଆନ୍)***

ଆଜିକାଲି ବହୁତ ଏଭଳି ଲୋକ ଦେଖାହୁଅନ୍ତି ଯେଉଁମାନେ ସାମୁହିକ ନମାଜ ପଢ଼ିବାରେ ଅବହେଳା କରନ୍ତି ଏବଂ କଥାବାର୍ତାରେ ବ୍ୟସ୍ତ ଥାଆନ୍ତି ଏପରି କି ନମାଜ ଶେଷ ହୋଇଯାଇଥାଏ, ତା'ପରେ ସେମାନେ ଦୁଃଖ ପ୍ରକାଶ କରନ୍ତି ଯେ ନମାଜ ସରିଗଲା। ଏହିପରି ଲୋକଙ୍କୁ ଖୁବ୍ ସଚେତନା ଅବଲମ୍ବନ କରିବାକୁ ପଡ଼ିବ, କାରଣ ସେମାନଙ୍କର ଏହି ସାଧାରଣ ଅବହେଳାର ଯୋଗୁଁ ପୂଣ୍ୟପ୍ରାପ୍ତିଠାରୁ ବଂଚିତ ରହିଯାଆନ୍ତି। ***(ତଫ୍‌ସିର୍ କବିର୍ ଖଣ୍ଡ-୧, ପୃ-୧୦୫, ପ୍ରକାଶିତ କାଦିୟାନ୍ ୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୭ ର ଅବଶିଷ୍ଟାଂଶ ......*

କହିଛନ୍ତି ମଣିଷର ପାଖପଡ଼ୋଶୀ ତାହାର ପ୍ରକୃତ ସାକ୍ଷ୍ୟ ଅଟନ୍ତି । ସେ ନିଜ ଅଣମୁସଲମାନ ପଡ଼ୋଶୀଙ୍କର ମଧ୍ୟ ସେବା କରିବାରୁ କଦାପି ପ୍ରଶ୍ଚାତପଦ ଦେଉନଥିଲେ ଏବଂ ନିଜ ପିଲାମାନଙ୍କ ଦ୍ୱାରା ମଧ୍ୟ ସେମାନଙ୍କ ସାହାଯ୍ୟ ସହଯୋଗ କରୁଥିଲେ । ତାଙ୍କ ବିୟୋଗରେ ସେମାନେ ଅତ୍ୟଧିକ ଦୁଃଖ ପ୍ରକାଶ କରିଛନ୍ତି । ଏହିପରି ତାଙ୍କ କାର୍ଯ୍ୟାଳୟରେ କାମ କରୁଥିବା ତାଙ୍କର ପ୍ରତ୍ୟେକ ସହକର୍ମୀ ତାଙ୍କ ମେଳାପି ପ୍ରସନ୍ନିତ ସ୍ୱଭାବ କାର୍ଯ୍ୟରେ ନିର୍ମଜିତ ଗୁଣ ଏଥି ସହିତ ପ୍ରତ୍ୟେକ କର୍ମଚାରୀ ସହ ସାହାଯ୍ୟ ସହଯୋଗ କରିବା ଆଦି ବିଶେଷ ଭାବରେ ଉଲ୍ଲେଖ କରିଛନ୍ତି । ନିଜ କାର୍ଯ୍ୟ ସମ୍ପାଦନ କରିବା ସହିତ ଅନ୍ୟର ସେବା କରିବା ଏପରିକି କାହାରିକୁ ଚାହା ଦେବାର ଥିଲେ ସ୍ୱୟମଂ ଉଠି ଯୋଗାଇ ଦେଉଥିଲେ । ଗତବର୍ଷ ମୁଁ ଇସ୍‌ଲାମାବାଦ ସ୍ଥାନାନ୍ତରିତ ହେବା ପରେ ସେ ମୋ ସହିତ ସାକ୍ଷାତ ହେବା ସମୟରେ ଏହ ଉଦ୍‌ବେଗ ପ୍ରକାଶ କରିଥିଲେ ଯେ, ଏବେ ଆମେ ପ୍ରତି ସପ୍ତାହରେ ଆପଣଙ୍କ ପଛରେ କିଭଳି ପାଠ କରିବୁ ଏଥରେ ମୁଁ ତାଙ୍କୁ ସାନ୍ତ୍ୱନା ଦେଇଥିଲି ଇନ୍‌ଶାଅଲ୍ଲାଃ ମୁଁ ଅଧିକାଂଶ ଜୁମା ବଇତୁଲ୍ ଫୁତୁରେ ହିଁ ପାଠ କରିବି ଏବଂ ଆପଣ ମଧ୍ୟ ମଝିରେ ମଝିରେ ଇସ୍‌ଲାମାବାଦ ଆସିପାରନ୍ତି । ଏକଥା ଶୁଣି ତାଙ୍କ ଚେହେରାରେ ଆନନ୍ଦର ଲହରି ଖେଳିଯାଇଥିଲା । ସେ ନିଜ ପିଲାମାନଙ୍କୁ ମସ୍‌ଜିଦ୍ ନିକଟରେ ରଖିବା ନିମନ୍ତେ, ଚତୁର୍ଥ ଖଲିଫାଙ୍କ ସମୟରେ ମସ୍‌ଜିଦ୍ ଫଜଲ୍ ନିକଟରେ କିଛି ଜମି କିଣି ନେଇଥିଲେ ଏବଂ ଏଥିପାଇଁ ତାଙ୍କୁ ନିଜ କାର୍ଯ୍ୟାଳୟରେ ପହଂଚିବା ପାଇଁ ଦୀର୍ଘ ଏକଘଂଟାର ଦୂରତା ଅତିକ୍ରମ କରିବାକୁ ପଡୁଥିଲା ତଥାପି ସେ ନିଜ ପିଲାମାନଙ୍କୁ ମସ୍‌ଜିଦ୍ ସହିତ ଯୋଡ଼ି ରଖିବାପାଇଁ ଏହି କଷ୍ଟ ବରଦାସ୍ତ କରି ନେଉଥିଲେ । ସେ ଯାହା ହେଉ ନା କାହିଁକି, ସେ ଜଣେ ଅତ୍ୟନ୍ତ ନିଷ୍ପାପର ଓ ପୂଣ୍ୟବନ୍ତ ବ୍ୟକ୍ତି ଥିଲେ ବେଶ୍ ବିସ୍ୱସ୍ତତାର ସହ ନିଜ ଜୀବନ ଅତିବାହିତ କଲେ ଏବଂ ତାହା ସେ ନିଜ ପିଲାମାନଙ୍କ ମଧ୍ୟରେ ସଂଚାଳିତ କରିଥିଲେ । ଅଲ୍ଲାଃ ତାଲା ତାଙ୍କ ସହ ସଦୟ ହୁଅନ୍ତୁ ଏବଂ କ୍ଷମା ଆଚରଣ କରନ୍ତୁ ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରନ୍ତୁ ଏବଂ ତାଙ୍କ ପିଲାମାନଙ୍କୁ ମଧ୍ୟ ଯମାତ୍ ସହ ଖିଲାଫତ୍ ସହ ସର୍ବଦା ଯୋଡ଼ି ରଖନ୍ତୁ । ସେ ଯେପରି କି ତାଙ୍କର ମନବାଞ୍ଛା ରହିଥିଲା କି ତାଙ୍କ ପିଲାମାନେ ଯମାତ୍ ଓ ଖଲିଫାଙ୍କ ସହିତ ଯୋଡ଼ି ରୁହନ୍ତୁ । ଅଲ୍ଲାଃ ତାଲା ତାହା ପୂରଣ କରନ୍ତୁ ତାଙ୍କ ପତ୍ନୀଙ୍କୁ ମଧ୍ୟ ଉତମ ସ୍ୱାସ୍ଥ୍ୟ ଓ ଶାନ୍ତି ପ୍ରଦାନ କରନ୍ତୁ ଏବଂ ସୁରକ୍ଷିତ ରଖନ୍ତୁ ।

ତୃତୀୟ ଯନାଜାଃ ଯାହାର ମୁଁ ଚର୍ଚ୍ଚା କରିସାରିଛି ଯାହାକି ଗତ ଖୁତ୍‌ବାରେ ଘୋଷଣା କରିବାରୁ ବାଦ୍ ରହିଯାଇଥିଲା ସେ ହେଲେ ଆମ ପ୍ରୀୟ ରାଣା ନଇମୁଦ୍ଦିନ୍ ସାହେବ୍, ଆଜି ଏହି ତିନିଜଣଙ୍କର ମୁଁ ନମାଜ ଯନାଜାଃ ଗାଏବ ପାଠ କରିବି ଇନ୍‌ଶାଅଲ୍ଲାଃ ତାଲା, ଆଲ୍ଲାଃ ତାଲା ଏ ସମସ୍ତଙ୍କ ସହ କ୍ଷମା ଆଚରଣ କରନ୍ତୁ ଓ ଦୟା ପରବେଶ୍ ହୁଅନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

କର୍ତବ୍ୟ ଯେ, ଏକ ପ୍ରତିନିଧିମଣ୍ଡଳ ସେମାନଙ୍କ ନିକଟକୁ ପ୍ରେରଣ କର ଯେ, ଇସ୍‌ଲାମ୍‌ର ବାର୍ତା ସେମାନଙ୍କୁ ପହଂଚାଇବ ଓ ଇସ୍‌ଲାମ୍ ପ୍ରତି ଆମନ୍ତ୍ରିତ କରିବ, ସୁତରାଂ ଉକ୍ତ ଆଦେଶ ପ୍ରାପ୍ତ ହେବା କ୍ଷଣି ଏକ ପ୍ରତିନିଧିମଣ୍ଡଳ ୟଜିଦ୍ ଗର୍ଦ ସହିତ ସାକ୍ଷାତ କରିବାପାଇଁ ପ୍ରେରଣ କରାଯାଇଥିଲା । ଯେତେବେଳେ ଉକ୍ତ ପ୍ରତିନିଧିମଣ୍ଡଳ ଇରାନ୍ ମହାରାଜାର ରାଜଦରବାରରେ ପହଂଚିଲା । ଇରାନ୍‌ର ମହାରାଜା ନିଜର ପ୍ରତିନିଧିଙ୍କୁ କହିଲେ ସେହି ଲୋକମାନଙ୍କୁ ପଚାର ଯେ ଏମାନେ କାହିଁକି ଏଠାକୁ ଆସିଛନ୍ତି । ଯେତେବେଳେ ସେ ଏହି ପ୍ରଶ୍ନ କଲା ସେତେବେଳେ ମୁସଲମାନ ପ୍ରତିନିଧମଣ୍ଡଳର ମୁଖ୍ୟ ସଚିବ ହଜ୍‌ରତ୍ ନୁମାନ୍ ବିନ୍ ମୁକରିନ୍ ଛିଡ଼ା ହେଲେ ଏବଂ ହଜୁର ସ:ଆ:ସଙ୍କ ଆବିର୍ଭାବର ଉଦ୍ଦେଶ୍ୟ ସମ୍ପର୍କରେ ଚର୍ଚ୍ଚା କରି କହିଲେ ଯେ, ହଜୁର ସ:ଆ:ସ ଆମମାନଙ୍କୁ ଆଦେଶ ଦେଇଛନ୍ତି ଯେ, ଆମେମାନେ ଇସ୍‌ଲାମ୍‌ର ବାର୍ତାକୁ ସମଗ୍ର ପୃଥିବୀରେ ପ୍ରସାରିତ କରିବୁ ଏବଂ ସମଗ୍ର ପୃଥିବୀର ଲୋକମାନଙ୍କୁ ସତ୍‌ଧର୍ମରେ ସାମିଲ କରାଇବାପାଇଁ ଆମନ୍ତ୍ରିତ କରିବୁ । ଉକ୍ତ ଆଦେଶ ଅନୁଯାୟୀ ଆମେମାନେ ଆପଣଙ୍କ ସେବାରେ ଉପସ୍ଥିତ ହୋଇଛୁ ଏବଂ ଆପଣମାନଙ୍କୁ ଇସ୍‌ଲାମ୍‌ର ଧର୍ମରେ ସାମିଲ ହେବାପାଇଁ ଆମନ୍ତ୍ରିତ କରୁଛୁ । ୟଜିଦ୍ ଗର୍ଦ ଉକ୍ତ ଉତରକୁ ଶୁଣି କ୍ରୋଧରେ ଜର୍ଜରିତ ହୋଇଉଠିଲା ଏବଂ କହିଲା ଯେ ତୁମେମାନେ ଏକ ଅସଭ୍ୟ ଓ ମୃତଭକ୍ଷଣକାରୀ ଜାତି ଯଦି ତୁମକୁ ଦାରିଦ୍ରତାର କସାଘାତ ଜର୍ଜରିତ କରି ଆମମାନଙ୍କ ଉପରେ ଆକ୍ରମଣ କରିବାପାଇଁ ବାଧ କରିଛି ତେବେ ମୁଁ ତୁମମାନଙ୍କୁ ଏତେ ଖାଦ୍ୟପଦାର୍ଥ ଦେବାକୁ ପ୍ରସ୍ତୁତ ଅଛି ଯେ ତୁମେମାନେ ତୃପ୍ତ ହୋଇଯିବ ଯଦିଓ ଯୁଦ୍ଧ ଘୋଷଣା ସେମାନଙ୍କ ପଟୁ ଆରମ୍ଭ ହୋଇଥିଲା କିନ୍ତୁ ସେମାନେ ମୁସଲମାନମାନଙ୍କୁ ଓଲଟା ନିନ୍ଦା କରୁଥିଲେ ଯେ ମୁସଲମାନମାନେ ପ୍ରଥମେ ଯୁଦ୍ଧର ଡ଼ାକରା ଦେଇଛନ୍ତି । ସେ ଯାହା ହେଉ ନା କାହିଁକି ସେ ପୁନଶ୍ଚ କହିଲା ଯେ ମୁଁ ପିନ୍ଧିବା ପାଇଁ ଜାମା ମଧ୍ୟ ଦେବି ତୁମେମାନେ ଏ ସବୁ ଜିନିଷ ନିଅ ଓ ନିଜ ଦେଶକୁ ଫେରିଯାଅ । ତୁମେମାନେ ଏଠାରେ ବସି ସୀମାର ସୁରକ୍ଷା ଦେଉଅଛ । ତା ଚିନ୍ତା ଛାଡ଼ି ଦିଅ ମୁଁ ଯେଉଁଭଳି ଚାହିଁବି ଉକ୍ତ ଅଂଚଳକୁ ଅଧିକାର କରିବି । ତେଣୁ ତୁମେମାନେ ମତେ ଅଧିକାର କରିବାକୁ ଦିଅ ତୁମେମାନେ ଆମ ସହିତ ଯୁଦ୍ଧ କରି କାହିଁକି ନିଜ ଜୀବନର ବଳି ଦେବାକୁ ଚାହୁଁଛ । ସୁତରାଂ ଯେତେବେଳେ ସେ ନିଜର କଥା କହିସାରିଲା ସେତେବେଳେ ଇସ୍‌ଲାମୀୟ ପ୍ରତିନିଧିମଣ୍ଡଳ ଆଡୁ ହଜ୍‌ରତ୍ ମୁଗେରା ବିନ୍ ଜରାରାଃ ଛିଡ଼ା ହେଲେ ଏବଂ ସେ କହିଲେ ଆପଣମାନେ ଆମ ସମ୍ପର୍କରେ ଯାହା ସବୁ କହିଛନ୍ତି ତାହା ଅବଶ୍ୟ ସତ୍ୟ ଯେ ଆମେମାନେ ଏକ ଅସଭ୍ୟ, ବର୍ବର ଓ ମୁର୍ଦ୍ଦାର ଖୋର୍ ଅର୍ଥାତ ମୃତ ଜୀବମାନଙ୍କୁ ଭକ୍ଷଣକାରୀ ଜାତି ଥିଲୁ । ସର୍ପ, କର୍କଟ, ପଙ୍ଗପାଳ, ଝିଂଟିକା ଭଳି କିଟପତଙ୍ଗ ଓ ସରୀସୃପ ଖାଉଥିଲୁ କିନ୍ତୁ ଅଲ୍ଲାଃ ତାଲା ଆମ ଉପରେ ଦୟା ଅବତୀର୍ଣ୍ଣ କଲେ ଏବଂ ସେ ନିଜର ରସୁଲ୍ ଆମମାନଙ୍କ ମାର୍ଗଦର୍ଶନ ଲାଗି ପ୍ରେରଣ କଲେ । ଆମମାନେ ତାହାଙ୍କ ଉପରେ ବିଶ୍ୱାସ ଆଣିଲୁ ଏବଂ ତାଙ୍କ କଥା ଉପରେ ପରିଚାଳିତ ହେଲୁ ତାଙ୍କ ଅନୁଗାମୀମାନଙ୍କ ମଧ୍ୟରେ ସାମିଲ ହେଲୁ ଯାହାର ପରିଣାମ ସ୍ୱରୁପ ବର୍ତମାନ ଆମମାନଙ୍କ ମଧ୍ୟରେ ଏକ ବିପ୍ଳବ ସୃଷ୍ଟି ହୋଇଯାଇଛି । ବର୍ତମାନ ଆମମାନଙ୍କଠାରେ ସେହି ଅବଗୁଣଗୁଡ଼ିକ ରହିନାହିଁ ଯାହାର ଆପଣ ବର୍ଣ୍ଣନା କଲେ । ବର୍ତମାନ ଆମେ କାହା କଥାରେ ପଡ଼ିବାପାଇଁ ପ୍ରସ୍ତୁତ ନାହୁଁ ଏବଂ ଆମର ଆପଣମାନଙ୍କ ସହିତ ଯୁଦ୍ଧ ଆରମ୍ଭ ହୋଇସାରିଛି ବର୍ତମାନ ଏହାର ନିର୍ଣ୍ଣୟ ଯୁଦ୍ଧ ଭୁମିରେ ହିଁ ହେବ । ସାଂସାରିକ ବସ୍ତୁର ମୋହମାୟା ଆମମାନଙ୍କୁ ନିଜର ଲକ୍ଷ୍ୟସ୍ଥଳରୁ ବିଚ୍ୟୁତ କରିପାରିବ ନାହିଁ । ଯେତେବେଳେ ୟଜିଦ୍ ଗର୍ଦ ଏହି କଥା ଶୁଣିଲା ସେତେବେଳେ ସେ ଅତ୍ୟନ୍ତ କ୍ରୋଧିତ ହୋଇଗଲା ଏବଂ ନିଜର ଏକ ଚାକରକୁ କହିଲା ଯାଅ ଏକ ମାଟିର ବସ୍ତା ନେଇ ଆସ । ସୁତରାଂ ଯେତେବେଳେ ମାଟିର ବସ୍ତା ଆସିଲା ସେତେବେଳେ ଇସ୍‌ଲାମୀୟ ପ୍ରତିନିଧି ଦଳର ଦଳପତିକୁ ଆଗକୁ ଡ଼ାକାଗଲା ଏବଂ କହିଲେ ତୁମେ ମୋର ଭେଟିକୁ ପ୍ରତ୍ୟାଖ୍ୟାନ କରିଦେଇଛ । ତେଣୁ ବର୍ତମାନ ଏହି ମାଟିର ବସ୍ତା ବ୍ୟତିତ ଆଉ କିଛି ମିଳିପାରିବ ନାହିଁ । ସୁତରାଂ ସେହି ସାହାବି ଅତ୍ୟନ୍ତ ଗମ୍ଭୀରତାର ସହିତ ଆଗକୁ ଅଗ୍ରସର ହେଲେ ଏବଂ ନିଜର ମସ୍ତକୁ ନୁଆଁଇ ଦେଲେ ଏବଂ ମାଟିର ବସ୍ତା ନିଜ ପିଠି ଉପରେ ବହନ କରିନେଲେ । ପୁନଶ୍ଚ ସେ ଏକ ଲମ୍ଫ ମାରିଲେ ଏବଂ ଉକ୍ତ ରାଜଦରବାରରୁ ବାହାରି ଆସିଲେ ଏବଂ ନିଜ ସାଥିମାନଙ୍କୁ ଉଚ୍ଚ ସ୍ୱରରେ କହିଲେ ଯେ, ଇରାନ୍ ମହାରାଜା ଆଜି ସ୍ୱହସ୍ତରେ ନିଜ ଦେଶକୁ ଆମ ହାତକୁ ଟେକି ଦେଇଛନ୍ତି ଏବଂ ପୁନଶ୍ଚ ଅଶ୍ୱ ଉପରେ ଆରୋହଣ ହୋଇ ଶିଘ୍ର ଶିଘ୍ର ସେଠାରୁ ବାହାରି ଆସିଲେ, ଯେତେବେଳେ ମହାରାଜା ତାଙ୍କର ଏହି ସ୍ଲୋଗାନ ଶୁଣିଲେ ସେତେବେଳେ ସେ ଥରହର ହୋଇ ଉଠିଲେ ଏବଂ ନିଜ ରାଜାସଭାରେ ଉପସ୍ଥିତ ଲୋକମାନଙ୍କୁ କହିଲେ ଆରେ ଦଉଡ଼ ଓ ମାଟି ବସ୍ତା ସେମାନଙ୍କଠାରୁ ଫେରାଇ ଆଣ ମୋ ଦ୍ୱାରା ଏହା କିଭଳି ଅନିଷ୍ଟ ଓ ଅଶୁଭ ତଥା ଅମଙ୍ଗଳ କାର୍ଯ୍ୟ ସମ୍ପାଦିତ ହେଲା । ମୁଁ ନିଜ ହାତ ଦ୍ୱରା ନିଜ ଦେଶକୁ ଟେକି ଦେଇଛି କିନ୍ତୁ ସେମାନେ ସେତେବେଳେ ସେଠାରୁ ବହୁ ଦୁରକୁ ବାହାରି ଆସିଥିଲେ ପରିଶେଷରେ ତାହା ହିଁ ହୋଇଥିଲା ଯାହା ସେ କହିଥିଲା କି କିଛି ବର୍ଷ ମଧ୍ୟରେ ଇରାନ୍ ମୁସଲମାନମାନଙ୍କ ହାତମୁଠାକୁ ଚାଲିଆସିଥିଲା ଏବଂ ମୁସଲମାନ ଶାସନାଧିନ ହୋଇଥିଲା । ଏହି ଭବ୍ୟ ପରିବର୍ତନ ମୁସଲମାନମାନଙ୍କ ମଧ୍ୟରେ କାହିଁକି ସୃଷ୍ଟି ହୋଇଥିଲା ଯେ ତାହା ଏଥିପାଇଁ ସମ୍ଭବ ହେଲା ଯେ, ପବିତ୍ର କୋରାନ୍‌ର ଶିକ୍ଷା ସେମାନଙ୍କର ସ୍ୱଭାବ, ଅଭ୍ୟାସ ଓ ଚାରିତ୍ରିକ ଅବସ୍ଥାରେ ଅଭୁତପୂର୍ଣ୍ଣ ପରିବର୍ତନ ଆଣିଦେଇଥିଲା ଏବଂ ସେମାନଙ୍କର ନିଚ ଜୀବନ ମଧ୍ୟରେ ସମ୍ପୁର୍ଣ୍ଣରୂପେ ମୃତ୍ୟୁର କାୟା ବିସ୍ତାର କରିଦେଇଥିଲା ଏବଂ ସେମାନଙ୍କୁ ସର୍ବୋଚ୍ଚ ଚାରିତ୍ରିକ ଆଦର୍ଶ ଉପରେ ଆଣି ଛିଡ଼ା କରିଦେଇଥିଲା ଏବଂ ଏହା ଦ୍ୱାରା ପୁନଶ୍ଚ ସେମାନେ ଇସ୍‌ଲାମ୍‌ର ବାର୍ତାକୁ ପ୍ରସାରିତ କରି ଓ ଇସ୍‌ଲାମ୍‌ର ଶିକ୍ଷା ଉପରେ କାର୍ଯ୍ୟାନୁସରଣ ହୋଇ ଜଣେ ପ୍ରକୃତ ମୁସଲମାନ ହେବାପାଇଁ ଓ ସେମାନଙ୍କୁ କୌଣସି ଭୟ ଓ ବିପଦ ଅବା କୌଣସି ଶକ୍ତି ଭୟଭୀତ କରିପାରିନଥିଲା । ***(ତଫ୍‌ସିର୍ କବୀର୍, ଖଣ୍ଡ-୬, ପୃ-୨୦୪-୨୦୫)***

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ କହିଲେ ଯେ ସତୁରୀ ହଜାର ଫରିସ୍ତା (ଦେବଦୂତ) ସାଆଦ୍ ବିନ୍ ମୁଆଜ୍ ର:ଅଙ୍କ ଯନାଜାଃରେ ସାମିଲ ହୋଇଛନ୍ତି । ସେମାନେ ଆଙ୍କ ପୂର୍ବରୁ କେବେ ବି ପୃଥିବୀରେ ଅବତୀର୍ଣ୍ଣ ହୋଇନାହାନ୍ତି ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ସାହାବି ଅଓସ୍ କବିଲାର ସର୍ଦ୍ଦାର ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅଙ୍କ ନମୁନା ଅନ୍‌ସାର୍‌ମାନଙ୍କ ଉପରେ ଏକ ଗଭୀର ପ୍ରଭାବ ପକାଇଥିଲା । ସେ ନିଷ୍ଠାରେ, କୁର୍ବାନୀରେ, ଇସ୍‌ଲାମ୍‌ର ସେବାରେ ଓ ରସୁଲଙ୍କ ପ୍ରେମରେ ଏତେ ଉଚ୍ଚସ୍ତରର ଅଧିକାରୀ ଥିଲେ ଯେ, ଏପରି ସ୍ତର ବହୁତ କମ ଲୋକେ ଲଭିଥାନ୍ତି । ତାଙ୍କର କାର୍ଯ୍ୟରୁ ଏହା ପ୍ରକାଶିତ ହେଉଥିଲା ଯେ ଇସ୍‌ଲାମ୍ ଏବଂ ଇସ୍‌ଲାମ୍‌ର ପ୍ରତିଷ୍ଠାତାଙ୍କ ସହିତ ଥିବା ତାଙ୍କର ପ୍ରେମ, ତାଙ୍କ ଆତ୍ମାର ଖୋରାକ ଥିଲା ।

ଏବଂ ପ୍ରାରମ୍ଭିକ ଇସ୍‌ଲାମ୍‌ର ବିଶ୍ୱାସ ଗ୍ରହଣ କରିଥିବା, ମକ୍କାରେ ଦୁଃଖ କଷ୍ଟ ସହନ କରିଥିବା, ନବୀ କରିମ୍ ସ:ଆ:ସଙ୍କର ପ୍ରହରା ଦେଇଥିବା, ଇସ୍‌ଲାମ୍ ଧର୍ମ ଏବଂ ଖିଲାଫତ୍ ପ୍ରେମୀ, ବାହାଦୁର୍ ଅଶ୍ୱଚାଳକ, ଯାହାଙ୍କ ପ୍ରାର୍ଥନା ସର୍ବଦା ଗ୍ରହଣୀୟ ହୋଇଥାଏ, ସେ ହେଉଛନ୍ତି ହଜ୍‌ରତ୍ ସାଆଦ୍ ବିନ୍ ଅବି ୱ୍ୱକାସ୍ ର:ଅ । ତାଙ୍କ ଗୁଣଗାରିମାର ଚର୍ଚ୍ଚା ।

ଦୁଇଜଣ ମର୍‌ହୁମିନ୍ (ମୃତକ) ମୋକରମ୍ ମାଷ୍ଟର ଅବ୍‌ଦୁସ୍ ସମିଇ ଖାନ୍ ସାହେବ୍ କାଠଗଡ଼ି ଅଫ୍ ରବ୍‌ୱା ଏବଂ ମୋହ୍‌ତରମ୍ ସୟଦ୍ ମୁଜିବୁଲ୍ଲାଃ ସାଦିକ୍ ସାହେବ୍ ଅଫ୍ ଲଣ୍ଡନଙ୍କ ଗୁଣାବଳୀର ଚର୍ଚ୍ଚା ଏବଂ ସେମାନଙ୍କ ସହିତ ସିଲ୍‌ସିଲାର ପୁରୁଣା ସେବକ, ଅଲ୍ଲାଃଙ୍କ ମାର୍ଗରେ କାରାବରଣ କରିଥିବା ମୁକରମ୍ ରାଣା ନଇମୁଦ୍ଦିନ୍ ସାହେବଙ୍କ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୧୭ ଜୁଲାଇ ୨୦୨୦ ଅନୁଯାୟୀ ୧୭ ୱ୍ୱଫା ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِينَ - الرَّحْمٰنِ الرَّحِيمِ - مٰلِكِ يَوْمِ الدِّينِ - إِيَّاكَ نَعْبُدُ وَإِيَّاكَ نَسْتَعِينُ -
اِهْدِنَا الصِّرَاطَ الْمُسْتَقِيمَ - صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ -

ଗତ ଖୁତ୍‌ବାରେ ମୁଁ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କର ଚର୍ଚ୍ଚା କରିଥିଲି । ଏହ୍‌ଜାବ୍ ଯୁଦ୍ଧ ଓ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜଙ୍କର ଚର୍ଚ୍ଚା କରି ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ଉଲ୍ଲେଖ କରିଛନ୍ତି ।

ଉକ୍ତ ଯୁଦ୍ଧରେ ମୁସଲମାନମାନଙ୍କର ଅଧିକ ପ୍ରାଣହାନୀ ଘଟିନଥିଲା ଅର୍ଥାତ ମାତ୍ର ପାଂଚ ଛଅଜଣ ମୁସଲମାନ ସହିଦ ହୋଇଥିଲେ କିନ୍ତୁ ୱ୍ୱସ୍ କବିଲାର ଦଳପତି ହଜ୍‌ରତ୍ ସାଆଦ୍ ବିନ୍ ମୁଆଜଙ୍କୁ ଏଭଳି କ୍ଷତ ଲାଗିଥିଲା ଉକ୍ତ ଯୁଦ୍ଧରେ ଯେ ସେଥିରୁ ସେ ବର୍ତି ପାରିନଥିଲେ । ଅର୍ଥାତ ତାଙ୍କର ଜୀବନ ଦୀପ ଲିଭିଯାଇଥିଲା ଏବଂ ଏହି କ୍ଷତି ମୁସଲମାନମାନଙ୍କ ପାଇଁ ଅପୁରଣିୟ କ୍ଷତି ଥିଲା । ଅମାନ୍ୟକାରୀ ଗୋଷ୍ଠିର ସୈନ୍ୟଦଳ ମଧ୍ୟରୁ ମାତ୍ର ତିନିଜଣ ନିହତ ହୋଇଥିଲେ । କିନ୍ତୁ ଏହି ଯୁଦ୍ଧରେ କୁରୈଶ୍‌ଙ୍କୁ ଏଭଳି ଏକ ଧକ୍କା ଲାଗିଥିଲା । ଯାହାପରେ ସେମାନେ ପରିବର୍ତୀ ସମୟରେ ଥରେ ହେଲେ ସୁଦ୍ଧା ଦଳବଦ୍ଧ ଭାବରେ ମଦିନା ଉପରେ ଆକ୍ରମଣ କରିବାର ସାହାସ ଜୁଟାଇ ପାରିନଥିଲେ ଏବଂ ହଜୁର ସ:ଆ:ସ ଙ୍କ ର ଭବିଷ୍ୟବାଣୀ ଅକ୍ଷରେ ଅକ୍ଷରେ ପୂରଣ ହୋଇଥିଲା । *(ସିରତ୍ ଖାତ୍‌ମୁନ୍ ନବିୟିନ୍.......... ପୃ-୫୯୫)*

ଯେପରି କି ପୂର୍ବ ଖୁତ୍‌ବାରେ ଆଲୋଚନା ହୋଇସାରିଛି ଯେ ହଜୁର ସ:ଆ:ସ ଭବିଷ୍ୟତରେ ଅମାନ୍ୟକାରୀମାନେ ଆମ ଉପରେ ଆକ୍ରମଣ କରିବାର ସାହାସ ଜୁଟାଇ ପାରିବେ ନାହିଁ ବୋଲି ଭବିଷ୍ୟବାଣୀ କରିଥିଲେ । ଖନ୍ଦକ ଯୁଦ୍ଧରେ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜଙ୍କ କଚଟିରେ ଆଘାତ ଲାଗିଥିଲା । ଯଦ୍ୱାରା ପରବର୍ତୀ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା । ହଜ୍‌ରତ୍ ଆଇଶା ର:ଅ କୁହନ୍ତି ଖନ୍ଦକ ଯୁଦ୍ଧ ସମୟରେ ମୁଁ ଘରୁ ବାହାରିଲି ଏବଂ ଲୋକମାନଙ୍କ ପାଦ ଚିହ୍ନ ପଛେ ପଛେ ଅଗ୍ରସର ହେଲି ଏତିକି ବେଳେ ନିଜ ପଛପଟୁ କିଛି ଶବ୍ଦ ଶୁଣିବାକୁ ପାଇବାରୁ ପଛକୁ ବୁଲି ଚାହିଁବାରୁ କଣ ଦେଖିଲି କି ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ ନିଜ ପୁତୁରା ହାରିସ୍ ବିନ୍ ୱ୍ୱସ୍‌ଙ୍କ ସାଥିରେ ଯୁଦ୍ଧ ବସ୍ତ୍ର ପରିଧାନ କରି ଏହି କବିତା ପାଠ କରି ଅତିକ୍ରମ କରିଗଲେ ।
**ଲବ୍‌ବିସ୍ କଲିଲନ୍ ଯୁଦ୍‌ରିକୁଲ୍ ହୈଯା ହମଲ୍ ମା ଅହ୍‌ସନଲ୍ ମୌତା ଇଜା ହାନଲ୍ ଅଜ୍‌ଲ !**
ଅର୍ଥାତ କିଛି କ୍ଷଣ ଅପେକ୍ଷା କରିନିଅ ଯୁଦ୍ଧ ତ ଆରମ୍ଭ ହୋଇଯାଉ । ଧାର୍ଯ୍ୟ ସମୟରେ ମୃତ୍ୟୁର ଆଗମନ କିଭଳି ମନୋରମ । ହଜ୍‌ରତ୍ ଆଇଶା କୁହନ୍ତି, ହଜ୍‌ରତ୍ ସାଆଦ୍ ବିନ୍ ମୁଆଜଙ୍କ ନିକଟରେ ଗୋଟିଏ କବଚ ଥିଲା କିନ୍ତୁ ମୋଟାପା ଓ ବଳିଷ୍ଠ ଶରୀର ଯୋଗୁଁ ତାଙ୍କ ଶରୀରର ଦୁଇପାର୍ଶ୍ୱ ଦୃଶ୍ୟମାନ ହେଉଥିଲା । ତାଙ୍କୁ ଇବ୍‌ନେ ଆର୍‌କା ଆଘାତ ପହଂଚାଇଥିଲେ । ଇବ୍‌ନେ ଆର୍‌କାଙ୍କ ନାମ ହବାନ୍ ବିନ୍ ଇବ୍‌ନେ ମୁନାଫ ଥିଲା । ସେ ବନୁ ଆମୀର ବିନ୍ ଲୁଇ ଗୋଷ୍ଠୀର ବ୍ୟକ୍ତି ଥିଲେ । ଆର୍‌କା ତାଙ୍କ ପିତାଙ୍କ ନାମ ଥିଲା ।
*(ଅଲ୍‌ଅସାବାଃ....... ଖଣ୍ଡ-୩, ପୃ-୭୧.......... ବେରୁତ ୨୦୦୫)*

ହଜ୍‌ରତ୍ ଜାବିର୍ ରିୱ୍ୱାୟତ କରନ୍ତି, ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କ ବାହୁରେ ତୀର ବାଜିଲା ଯାହାକି ହଜୁର ସ:ଆ:ସ ତାଙ୍କ ବାହୁରୁ ବାହାର କରିନେଇଥିଲେ ଏବଂ ପରେ ଉକ୍ତ ସ୍ଥାନକୁ କାଟି ଚେଙ୍କ ଲଗାଇଥିଲେ ଯଦ୍ୱାରା ତାହା ଫୁଲି ଯାଇଥିଲା । ଏହି ପ୍ରକ୍ରିୟା ସେ ପୁର୍ନବାର ମଧ୍ୟ କରିଥିଲେ । *(ସହି ମୁସ୍‌ଲିମ୍....... ହଦିସ୍ ୨୨୦୮)*

ହଜ୍‌ରତ୍ ଆଇଶା ବର୍ଣ୍ଣନା କରନ୍ତି ଅମାନ୍ୟକାରୀଙ୍କ ମଧ୍ୟରୁ ଇବ୍‌ନେ ଆର୍‌କା ନାମକ ଜଣେ ବ୍ୟକ୍ତି ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କୁ ତୀର ନିକ୍ଷେପ କରିଥିଲେ ଯାହାକି ତାଙ୍କ ଭୁଜାରେ ଭେଦ କରିଦେଇଥିଲା । ସେତେବେଳେ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ପରମେଶ୍ୱରଙ୍କ ନିକଟରେ ଦୂଆ ପ୍ରାର୍ଥନା କରିଥିଲେ କି ହେ ପଭୁ ! ମତେ ସେ ସମୟ ପର୍ଯ୍ୟନ୍ତ ମୃତ୍ୟୁ ଦିଅ ନାହିଁ ଯେ ପର୍ଯ୍ୟନ୍ତ ତୁମେ ବନୁ କୁରୈଜା ନିକଟରୁ ମତେ ଆଶ୍ୱସ୍ତି ଲାଭ ନ କରାଇଛ । *(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୨୨............ ବେରୁତ ଲେବ୍‌ନାନ୍ ୧୯୯୦)*

ହଜୁର ସ:ଆ:ସ ମସ୍‌ଜିଦ୍‌ରେ ତାଙ୍କ ପାଇଁ ଏକ ଅସ୍ଥାୟୀ ଘର ପ୍ରସ୍ତୁତ କରିଦେଇଥିଲେ ଯଦ୍ୱାରା ତାଙ୍କ ନିକଟରେ ରହି ଆପଣ ତାଙ୍କର ଦେଖାଶୁଣା କରିପାରିବେ । *(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୨୫............ ବେରୁତ ଲେବ୍‌ନାନ୍ ୧୯୯୦)*

ହଜ୍‌ରତ୍ ଆଇଶା କୁହନ୍ତି ଯେତେବେଳେ ସାଆଦ୍‌ଙ୍କ କ୍ଷତସ୍ଥାନ ସୁସ୍ଥ ହୋଇ ଉପଷମ ହେବାକୁ ଲାଗିଲା ସେତେବେଳେ ସେ ଦୁଆ କଲେ ହେ ପ୍ରଭୁ ! ତୁମେ ଜାଣ ମୁଁ ତୁମ ମାର୍ଗରେ ସେହି ଗୋଷ୍ଠୀ ସହ ଲଢ଼ିବାଠାରୁ ବଳି କୌଣସି କାର୍ଯ୍ୟ ଅଧିକ ପ୍ରୀୟ ମଣୁନାହିଁ । ଯେଉଁମାନେ ତୁମ ପ୍ରେରିତ ଦୂତଙ୍କୁ ମିଥ୍ୟାବାଦୀ କହି ନିର୍ବାସିତ କରିଛନ୍ତି । ଅର୍ଥାତ ମକ୍କାରୁ କୁରୈଶ୍‌ର ଲୋକେ ହଜୁରଙ୍କୁ ଯେଉଁ ବହିଷ୍କାର କରିଥିଲେ ତେଣୁ ହେ ପ୍ରଭୁ ମୁଁ ମଣୁଅଛି ଯେ, ତୁମେ ଆମ ଓ ତାଙ୍କ ମଧ୍ୟରେ ଯୁଦ୍ଧକୁ ସମାପ୍ତ କରିଦେଇଛ ଯଦି କୁରୈଶ୍‌ଙ୍କ ସହ ଆମର ମୁହାଁମୁହିଁ ହେବା ଆହୁରି ବାକି ଅଛି ତେବେ ମତେ ଜୀବିତ ରଖ ଯଦ୍ୱାରା ମୁଁ ତୁମମାର୍ଗରେ ଜିହାଦ୍ କରିପାରିବି କିନ୍ତୁ ଯଦି ଆମ ମଧ୍ୟରେ ଯୁଦ୍ଧର ପରିସମାପ୍ତି ଘଟିଛି ଯେପରିକି ମୁଁ କଳନା କରୁଅଛି ତେବେ ମୋ ଧମନୀ ଖୋଲିଦିଅ ଏବଂ ଏହି ଆଘାତ ମୋ ଶହୀଦର କାରଣ ସାଜୁ । ହଜ୍‌ରତ୍ ଆଇଶା କୁହନ୍ତି, ସେହି ଦିନ ରାତିରେ ତାଙ୍କର କ୍ଷତସ୍ଥାନ ଫାଟି ଯିବାରୁ ସେଥିରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ମସ୍‌ଜିଦ୍‌ରେ ସେତେବେଳେ ବନୁ କୁରୈଜା ଲୋକେ ରହିଥିଲେ, ରକ୍ତ ବହି ଯେତେବେଳେ ତାଙ୍କ ନିକଟରେ ପହଂଚିଲା ସେତେବେଳେ ସେମାନେ ଭୟଭୀତ ହୋଇଯାଇଥିଲେ ଏବଂ ପରସ୍ପରକୁ ପଚାରିଲେ କାହାର ଏଭଳି ରକ୍ତସ୍ରାବ ହୋଇଛି । ତାହା ପରେ କଣ ଦେଖିଲେ କି, ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କର କ୍ଷତରୁ ରକ୍ତସ୍ରାବ ହୋଇଚାଲିଛି ଏବଂ ଏତଦ୍ୱାରା ତାଙ୍କର ଦେହାନ୍ତ ଘଟିଥିଲା ।

ହଜ୍‌ରତ୍ ଇବ୍‌ନେ ଆବାସ ର:ଅ କୁହନ୍ତି, ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କର ରକ୍ତସ୍ରାବ ହେବା ଖବର ଶୁଣି ହଜୁର ତାଙ୍କ ନିକଟକୁ ଗଲେ ଏବଂ ତାଙ୍କ ଶରୀର ସହ ସଲଗ୍ନ କଲେ । ସାଆଦ୍‌ଙ୍କର ରକ୍ତ ହଜୁର ସ:ଆ:ସଙ୍କ ପବିତ୍ର ମୁଖ ଓ ଦାଢ଼ିରେ ଲାଗିଲା ଯେପରି କେହି ଜଣେ ଆପଣଙ୍କୁ ସେହି ରକ୍ତ ଲାଗିବାରୁ ନିବୃତ ରଖିବାକୁ ଚାହୁଁଛି । ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜୁର ସ:ଆ:ସ ସାଆଦ୍‌ଙ୍କ ମୁଣ୍ଡକୁ ନିଜ କୋଳରେ ରଖିଦେଇଥିଲେ ଏବଂ ତାଙ୍କ ଧବଳ କପଡ଼ାରେ ଆବୃତ କରିଦିଆଗଲା । ତା'ପରେ ହଜୁର ସ:ଆ:ସ ଦୁଆ କଲେ ହେ ପ୍ରଭୁ ସାଆଦ୍

ତୁମ ମାର୍ଗରେ ଜିହାଦ୍ କଲେ ଏବଂ ତୁମ ରସୁଲ୍‌ଙ୍କ ସମର୍ଥନକାରୀ ଥିଲେ ଏବଂ ନିଜ କର୍ତବ୍ୟ ସୁଚାରୁରୂପେ ସମ୍ପାଦନ କରିଥିଲେ ସୁତରାଂ ତୁମେ ତାଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କର ଯେପରି ତୁମେ ପବିତ୍ର ଆତ୍ମମାନଙ୍କୁ ସଦ୍‌ଗତି ପ୍ରଦାନ କରିଥାଅ । ସେତେବେଳେ ସାଆଦ୍‌ଙ୍କ ଶରୀରରେ କିଂଚିତ ଜୀବନ ସଂଚାଳିତ ରହିଥିଲା । ସେ ହଜୁର ସ:ଆ:ସଙ୍କର ଏହି ଉକ୍ତି ଶୁଣି ଆଖି ଖୋଲିଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଈଶ୍ୱରଙ୍କ ଆପଣଙ୍କ ଉପରେ ଦୟା ଅବତୀର୍ଣ୍ଣ ହେଉ ମୁଁ ସାକ୍ଷ୍ୟ ଦେଉଅଛି ଯେ, ଆପଣ ପ୍ରଭୁଙ୍କର ସତ୍ୟବାଦୀ ରସୁଲ୍ । ସାଆଦ୍‌ଙ୍କର ପରିବାରବର୍ଗ ଯେତେବେଳେ ଦେଖିଲେ କି ହଜୁର ନିଜ କୋଳରେ ସାଆଦ୍‌ଙ୍କ ମୁଣ୍ଡକୁ ରଖିଛନ୍ତି । ସେତେବେଳେ ସେମାନେ ଭୟଭୀତ ହୋଇଯାଇଥିଲେ । ପରେ ଯେତେବେଳେ ଏହି ଚର୍ଚ୍ଚା ହେଲା ସେତେବେଳେ ହଜୁର ସ:ଆ:ସ କହିଲେ, ମୁଁ ପରମେଶ୍ୱରଙ୍କଠାରୁ ଏହି ଅଭିଳାଷି ଥିଲି କି ସେତେବେଳେ ସେଠାରେ ସାଆଦ୍‌ଙ୍କ ମୃତ୍ୟୁ ସମୟରେ ଯେତେ ସଂଖ୍ୟାରେ ଲୋକେ ଉପସ୍ଥିତ ଥିଲେ, ସେତେ ସଂଖ୍ୟାରେ ଦେବଦୂତମାନେ ମଧ୍ୟ ଉପସ୍ଥିତ ହୁଅନ୍ତୁ ଏବଂ ହଜୁର ଏଥିପାଇଁ ଦୂଆ ମଧ୍ୟ କରିଥିଲେ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୨୫-୩୨୬........... ବେରୁତ ଲେବ୍‌ନାନ୍ ୧୯୯୦)***

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରନ୍ତି କି ନବୀ କରିମ୍ ସ:ଆ:ସଙ୍କ ପତଳା ରେଷମ ବସ୍ତ୍ରରେ ଏକ ଚୋଗା ଉପହାର ସ୍ୱରୁପ ଦିଆଗଲା । ହଜୁର ସ:ଆ:ସ ରେଷମର ପ୍ରସ୍ତୁତ ବସ୍ତ୍ର ପରିଧାନ କରିବାକୁ ପୁରୁଷମାନଙ୍କୁ ବାରଣ କରନ୍ତି କିନ୍ତୁ ତାହା ଦେଖି ଲୋକେ ଆଶ୍ଚର୍ଯ୍ୟ ଚକିତ ହେଲେ । ଏଥିରେ ହଜୁର ସ:ଆ:ସ କହିଲେ, ସେହି ପରମେଶ୍ୱରଙ୍କ ରାଣ ଯାହାଙ୍କ ହାତ ମୁଠାରେ ମୋ ଜୀବନ ନାଟିକା ରହିଛି । ବୈକୁଣ୍ଠରେ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କର ରୁମାଲ୍ ଏହାଠାରୁ ଅଧିକ ସୁନ୍ଦର ହେବ । ଏହା ବୁଖାରୀର ଆଲେଖ୍ୟ ଅଟେ ।

***(ସହି ବୁଖାରୀ.......... ହଦିସ୍ ୨୬୧୫)***

ସେ ରେଷମ ବସ୍ତ୍ରକୁ ହାତରେ ନେଇ ଦେଖିଲେ ଏବଂ ଚିନ୍ତା କଲେ ସମ୍ଭବତଃ ହଜୁର ସ:ଆ:ସ ଏହାକୁ ବ୍ୟବହାର କରିବେ ସେ ଯାହା ହେଉ ଆପଣ ତାହାକୁ ନେଇ କହିଲେ ତୁମେମାନେ ଏଥିରେ ଆଶ୍ଚର୍ଯ୍ୟ ଚକିତ ହେଉଛ ଉକ୍ତ ଘଟଣା ଚକ୍ର ମୁସ୍‌ଲିମ୍‌ରେ ଏଭଳି ଭାବରେ ଦରଜ ରହିଛି କି ହଜ୍‌ରତ୍ ବରାଅ୍ ର:ଅ କୁହନ୍ତି, ହଜୁର ସ:ଆ:ସଙ୍କ ସେବାରେ ଏକ ରେଷମର ପ୍ରସ୍ତୁତ ଚୌଗା ଉପହାର ସ୍ୱରୁପ, ଭେଟ ସ୍ୱରୁପ ଦିଆଗଲା । ହଜୁର ସ:ଆ:ସଙ୍କ ସାହାବାମାନେ ତାହାକୁ ସ୍ପର୍ଶ କରି ତାହାର କୋମଳତା ଦେଖି ବିସ୍ମିତ ହେଲେ । ଏଥିରେ ହଜୁର ସ:ଆ:ସ କହିଲେ ତୁମେ ଏହାର କୋମଳତାରେ ବିସ୍ମିତ ହେଉଛ ନିଶ୍ଚିତ ରୂପେ ବୈକୁଣ୍ଠରେ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କ ରୁମାଲ୍ ଏହାଠାରୁ ବଳି ଶ୍ରେୟସ୍କର ଓ କୋମଳ ଅଟେ ।

***(ସହି ମୁସ୍‌ଲିମ୍...... ୨୪୬୮)***

ହଜ୍‌ରତ୍ ଜାବିର୍ ର:ଅ ବର୍ଣ୍ଣନା କରନ୍ତି କି ମୁଁ ହଜୁର ସ:ଆ:ସଙ୍କଠାରୁ ଏକଥା ଶୁଣିଥିଲି ଯେ, ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କ କାଳ ହେବାରେ ପରମେଶ୍ୱରଙ୍କ ପ୍ରାସାଦ ଆନ୍ଦୋଳିତ ହୋଇଉଠିଲା ଏହା ବୁଖାରୀର ବର୍ଣ୍ଣନା ଅଟେ । ***(ସହି ବୁଖାରୀ.......... ହଦିସ୍ ୩୮୦୩)***

ମୁସ୍‌ଲିମ୍‌ରେ ସେହିପରି ହଜ୍‌ରତ୍ ଅନ୍‌ସ ବିନ୍ ମାଲି ବର୍ଣ୍ଣନା କରନ୍ତି ଯେ, ହଜୁର ସ:ଆ:ସ ସାଆଦଙ୍କ ଯନାଜାଃ ଦେଖି କହିଲେ ଏଥିରେ ପରମେଶ୍ୱରଙ୍କର ଅର୍ଶ ପ୍ରକମ୍ପିତ ହୋଇ ଉଠିଲା । ***(ସହି ମୁସ୍‌ଲିମ୍...... ୨୪୬୭)***

ଏହାର ବ୍ୟାଖ୍ୟା ଓ ସଂକ୍ଷିପ୍ତ ସ୍ୱଷ୍ଟିକରଣ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଏଭଳି ବର୍ଣ୍ଣନା କରିଛନ୍ତି । ଖନ୍ଦକ ଯୁଦ୍ଧରେ ଓ୍ୱସ୍ କବିଲାର ସର୍ଦ୍ଦାର ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କୁ ଆଘାତ ଲାଗିଥିଲା । ଯାହାର ଯଥେଷ୍ଟ ଉପଚାର କରିବା ସତ୍ତ୍ୱେ ମଧ୍ୟ ଉପଷମ ହୋଇନଥିଲା । ବରଂ ବାରମ୍ବାର ସଜୀବ ହୋଇ ଖୋଲି ଯାଉଥିଲା । ଯେହେତୁ ସେ ଜଣେ ନିଷ୍ଠାପର ସାହାବି ଥିଲେ ଏବଂ ହଜୁର ସ:ଆ:ସ ତାଙ୍କୁ ନେଇ ବିଶେଷ ଭାବରେ ଚିନ୍ତିତ ଥିଲେ । ତେଣୁ ହଜୁର ସ:ଆ:ସ ନିର୍ଦ୍ଦେଶ ଦେଇଥିଲେ ଯେ, ମସ୍‌ଜିଦ୍‌ରେ ହିଁ ତାଙ୍କ ପାଇଁ ସ୍ଥାୟୀ ଘର ନିର୍ମାଣ କର ଯଦ୍ୱାରା ଆପଣ ସ:ଆ:ସ ସହଜରେ ତାଙ୍କର ଦେଖାଶୁଣା କରିପାରିବେ । ଜଣେ ମୁସ୍‌ଲମାନ ମହିଳା ରଫିଦା ନାମି ତାଙ୍କ ଦେଖାଶୁଣା ଓ ସେବାଯତ୍ନ କରିବା ନିମନ୍ତେ ନିୟୋଜିତ ମଧ୍ୟ ହୋଇଥିଲେ । ଏଭଳି ସମସ୍ତ ପ୍ରକାର ବ୍ୟବସ୍ଥା ସତ୍ତ୍ୱେ ସାଆଦ୍‌ଙ୍କର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟିନଥିଲା । ଇତିମଧ୍ୟରେ ବନୁ କୁରୈଜାର ମଧ୍ୟ ମାମଲା ଆସି ପହଂଚିଲା ଯାହା ଫଳରେ ତାଙ୍କୁ ଅଧିକ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ଯଦ୍ୱାରା ସେ ଆହୁରି ଦୁର୍ବଳ ଅନୁଭବ କରିଥିଲେ । ଏହି ଅବସ୍ଥାରେ ସେ ନିଜ ପ୍ରଭୁଙ୍କ ଶରଣେ ଦୁଆ କଲେ, ହେ ପ୍ରଭୁ ତୁମେ ମୋ ମନକଥା ଜାଣ ଯେ, ମୁଁ ନିଜକୁ ଗୋଷ୍ଠୀ ଅପେକ୍ଷା ତୁମ ଧର୍ମର ସୁରକ୍ଷା ନିମନ୍ତେ ଜିହାଦ୍ କରିବାକୁ ଅଧିକ ପସନ୍ଦ କରେ ଯେ ତୁମ ପ୍ରେରିତ ଦୁତଙ୍କର ଅସ୍ୱୀକାର କଲେ ଏବଂ ତାଙ୍କୁ ନିଜ ଦେଶରୁ ନିର୍ବାସିତ କଲେ । ମୋ ମତରେ ବର୍ତମାନ କୁରୈଶ୍ ଏବଂ ଆମ ମଧ୍ୟରେ ଘଟିଥିବା ଯୁଦ୍ଧର ଅବସାନ ଘଟିଛି କିନ୍ତୁ ଯଦି ତୁମ ଜ୍ଞାତରେ ଆହୁରି ଯୁଦ୍ଧ ହେବା ବାକି ଅଛି ତେବେ ମତେ ଆଉ ଏତିକି ସମୟ ପ୍ରଦାନ କରିବ ଯଦ୍ୱାରା ମୁଁ ତୁମ ମାର୍ଗରେ ଜିହାଦ୍ କରିପାରିବି ଯଦି ନାହିଁ ତେବେ ମୋର ଜୀବନ ପ୍ରତି ଲୋଭ ନାହିଁ ଓ ମତେ ଶହୀଦ ହେବାର ମୃତ୍ୟୁ ପ୍ରଦାନ କର । ଉଲ୍ଲେଖ ରହିଛି ଯେ, ସେହି ଦିନ ରାତ୍ରିରେ ସାଆଦ୍‌ଙ୍କର କ୍ଷତଟି ଫାଟି ଯାଇଥିଲା ଏବଂ ସେଥିରେ ଏଭଳି ରକ୍ତସ୍ରାବ ହୋଇଥିଲା କି ତାହା ବାହାରକୁ ବହି ଆସିଥିଲା । ଶେଷରେ ଏହି ଅବସ୍ଥାରେ ସାଆଦ୍‌ଙ୍କର କାଳ ହୋଇଥିଲା ।

ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ସାଆଦ୍‌ଙ୍କର ଦେହାନ୍ତର ଘୋର ଧକ୍କା ଲାଗିଥିଲା ଏବଂ ବାସ୍ତବରେ ମଧ୍ୟ ସେତେବେଳର ପରିସ୍ଥିତି ଅନୁଯାୟୀ ସାଆଦ୍‌ଙ୍କର ଦେହାନ୍ତ ମୁସଲମାନମାନଙ୍କ ପାଇଁ ଏକ ଅପୁରଣନୀୟ କ୍ଷତି ଥିଲା । ସାଆଦ୍‌ଙ୍କୁ ଅନ୍‌ସାରଙ୍କ ମଧ୍ୟରେ ପାଖାପାଖି ସେହି ଆସନ ହାସଲ ଥିଲା । ଯାହାକି ମୁହାଜିର୍‌ଙ୍କ ମଧ୍ୟରେ ହଜ୍‌ରତ୍ ଅବୁବକର ର:ଅଙ୍କୁ ହାସଲ ହୋଇଥିଲା । ନିଷ୍ଠାପରତା, ବଳିଦାନ, ଇସ୍‌ଲାମ୍‌ର ସେବା, ରସୁଲ୍‌ଙ୍କ ପ୍ରତି ପ୍ରେମ ଓ ପ୍ରିତିଭାବ ଆଦିରେ ସେ ସେହି ଉଚ୍ଚ ସ୍ତରରେ ଅଧିଷ୍ଠିତ ଥିଲେ । ଯାହାକି ଖୁବ୍ କମ୍ ଲୋକମାନଙ୍କୁ ପ୍ରାପ୍ତ ହୋଇଥାଏ । ଏବଂ ତାଙ୍କ ବସିବା ଉଠିବା ପ୍ରତ୍ୟେକ ହର୍‌କତ୍‌ରୁ ଏହା ପରିପ୍ରକାଶ ହେଉଥିଲା ଯେ, ଇସ୍‌ଲାମ୍ ଓ ଇସ୍‌ଲାମ୍‌ର ସଂସ୍ଥାପକ ପ୍ରତି ସ୍ନେହ ତାଙ୍କ ଆତ୍ମାରେ ଭରି ରହିଥିଲା ଏବଂ ତାହା ତାଙ୍କ ଆତ୍ମାର ଆହାର ଥିଲା । ଯଦିଚ ସେ ନିଜ କବିଲାର ଦଳପତି ଥିଲେ ତଥାପି ତାଙ୍କ କାର୍ଯ୍ୟକଳାପ ଅନ୍‌ସାରମାନଙ୍କ ମଧ୍ୟରେ ଏକ ଗଭୀର ପ୍ରଭାବ ବିସ୍ତାରକାରି ନମୁନା ଥିଲା । ଏଭଳି ଯୋଗ୍ୟ ଆଧାତ୍ମିକ ସାଥିର ବିୟୋଗରେ ହଜୁର ସ:ଆ:ସଙ୍କୁ ଧକ୍କା ଲାଗିବାଟା ସ୍ୱଭାବିକ ଥିଲା । ତଥାପି ଆପଣ ପୂର୍ଣ୍ଣରୂପେ ଧୈର୍ଯ୍ୟ ରକ୍ଷା କରିଥିଲେ ଏବଂ ପ୍ରଭୁଙ୍କ ବିଧାନ ସମ୍ମୁଖରେ ନତମସ୍ତକ ହୋଇଯାଇଥିଲେ । ଯେତେବେଳେ ସାଆଦ୍‌ଙ୍କର ଯନାଜାଃ ଉଠିଲା ସେତେବେଳେ ସାଆଦ୍‌ଙ୍କର ମାତ ପୁତ୍ର ପ୍ରେମରେ ବିଭୋର ହୋଇ ରୋଦନ କରିଥିଲେ ଏବଂ ଶେଷରେ ସେତେବେଳର ପ୍ରଥା ଅନୁଯାୟୀ ସାଆଦ୍‌ଙ୍କର ଗୁଣଗାରିମା ବଖାଣି ଥିଲେ । ହଜୁର ସ:ଆ:ସ ତାହା ଶୁଣିବା ପରେ କହିଲେ ଯଦିଚ ଆପଣ ସ:ଆ:ସ ଏହି ପ୍ରଥାକୁ ପସନ୍ଦ କରୁନଥିଲେ ଏବଂ ଏହାର ଉଚ୍ଛେଦ ପାଇଁ ନିୟମ ପ୍ରଣୟନ କରିସାରିଥିଲେ । ତଥାପି କହିଲେ ଏହି ସମୟରେ ମହିଳାମାନେ ବହୁତ ମିଥ୍ୟା କହିଥାନ୍ତି କିନ୍ତୁ ବର୍ତମାନ ସାଆଦ୍‌ଙ୍କର ମାତା ଯାହା କିଛି କହିଛନ୍ତି ସବୁ ସତ କହିଛନ୍ତି । ତାହା ପରେ ହଜୁର ସ:ଆ:ସ ତାଙ୍କର ନମାଜ ଯନାଜାଃ ପାଠ କରାଇଥିଲେ ଏବଂ ଅନ୍ତ୍ୟେଷ୍ଟିକ୍ରୀୟା ନିମନ୍ତେ ସ୍ୱୟମଂ ବାହାରିଥିଲେ ଏବଂ କବର ଦେବା ପରେ ଦୂଆ କରି ସେଠାରୁ ପ୍ରତ୍ୟାବର୍ତନ କରିଥିଲେ ।

ସମ୍ଭବତଃ ସେତିକିବେଳେ ଆପଣ କହିଥିଲେ, **ଇହ୍‌ତଜ୍ଜା ଅର୍‌ଶୁର୍ ରହ୍‌ମାନି ଲିମୌତି ସାଆଦ୍** ଅର୍ଥାତ ସାଆଦ୍‌ଙ୍କ ଇହଧାମ ପରିତ୍ୟାଗ କରିବାରେ ରହ୍‌ମାନଙ୍କ ପ୍ରାସାଦ ନାଚି ଉଠିଲା । ଅନ୍ୟାନ୍ୟ ଲେଖାରେ ଆନ୍ଦୋଳିତ ହେବାର ଉଲ୍ଲେଖ ରହିଛି କିନ୍ତୁ ଏଠାରେ ନାଚି ଉଠିବାର ଶବ୍ଦ ଆସିଛି ଅର୍ଥାତ ପରଲୋକରେ ପ୍ରଭୁଙ୍କ ଦୟା ଆନନ୍ଦରେ ସାଆଦ୍‌ଙ୍କ ଆତ୍ମାକୁ ସ୍ୱାଗତ ଜଣାଇଥିଲା । ଦୀର୍ଘ ସମୟ ପରେ ଯେତେବେଳେ ହଜୁର ସ:ଆ:ସ ନିକଟକୁ କେଉଁ ଆଡୁ କିଛି ରେଶମ ଉପହାର ସ୍ୱରୁପ ଆସିଲା ସେତେବେଳେ ତାହାର ସୌନ୍ଦର୍ଯ୍ୟ ଓ କୋମଳତାକୁ ଦେଖି ସାହାବା ଆଶ୍ଚର୍ଯ୍ୟ ଚକିତ ହୋଇଥିଲେ ଏବଂ ତାହାକୁ ଅଭୁତପୂର୍ଣ୍ଣ ମଣିଥିଲେ । ସେତେବେଳେ ହଜୁର ସ:ଆ:ସ କହିଲେ ତୁମେ ଏହାର କୋମଳତାକୁ ନେଇ ଆଶ୍ଚର୍ଯ୍ୟ ହେଉଛ, ପ୍ରଭୁଙ୍କ ରାଣ ବୈକୁଣ୍ଠରେ ସାଆଦ୍‌ଙ୍କର ଚଦର ଏହାଠାରୁ ଆଧିକ କୋମଳ ଓ ଶ୍ରେୟସ୍କର ଅଟେ ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍........ ପୃ-୬୧୩-୬୧୪)***

ବୁଖାରୀ ଓ ମୁସ୍‌ଲିମ୍‌ରେ ରୁମାଲ୍‌ର ଉଲ୍ଲେଖ ରହିଛି କିନ୍ତୁ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଏଠାରେ ଚଦରର ଅନୁବାଦ କରିଛନ୍ତି କାରଣ ମୁଳ ଆରବୀ ଶବ୍ଦର ଅନୁବାଦ ବସ୍ତ୍ର ପାଇଁ ମଧ୍ୟ ବ୍ୟବହାର ହୋଇଥାଏ । ହଜ୍‌ରତ୍ ସାଆଦ୍‌ଙ୍କ ମାତା ତାଙ୍କର ବିଚ୍ଛେଦରେ ରୋଦନ କରି ଏହି ପଦ୍ୟ ଆବୃତି କରୁଥିଲେ । **ଓ୍ୱଇଲୁ ଉମ୍ମି ସାଆଦିନ୍ ସାଆଦା ବରାଅତନ୍ ଓ୍ୱ ନଜ୍‌ଦା ବାଆଦା ଅୟାବିନ୍ ଯାଲଦୁ ଓ୍ୱ ମଜଦା ମୁକଦମନ୍ ସହାବିହି ମସଦ୍ଦା** ଅର୍ଥାତ ସାଆଦ୍‌ର ମାତାଙ୍କୁ ସାଆଦ୍‌ଙ୍କ ବିଦାୟ ବିଚ୍ଛେଦରେ ମ୍ରିୟମାଣ ଯେ ବୁଦ୍ଧିମାନ, ପୂଣ୍ୟବାନ ଓ ବୀରର ପ୍ରତୀକ ତଥା ପ୍ରତିମୂର୍ତୀ ଥିଲେ, ସେହି ପଦ୍ୟର ଉକ୍ତି ଗୁଣ ବଖାଣିବ ଯେ ସମସ୍ତ ଖାଲିସ୍ଥାନକୁ ପୂରଣକାରୀ ସର୍ଦ୍ଦାର ଥିଲା । ଏଥିରେ ହଜୁର ସ:ଆ:ସ କହିଲେ, ଜଣେ ମୃତକର ପରିଜନ କାହାର ବିଳାପ କଲାବେଳେ ମିଥ୍ୟା ବଚନ କରିଥାନ୍ତି ଏବଂ ଅନାବଶ୍ୟକ ସୁଗୁଣ ବଖାଣି ଥାନ୍ତି । କିନ୍ତୁ ସାଆଦ୍‌ଙ୍କର ମାତାଶ୍ରୀ ଯାହା କିଛି କହିଛନ୍ତି ସବୁ ସତ କହିଛନ୍ତି । ଏହା ତବକାତୁଲ୍ କୁବ୍‌ରାର ବ୍ୟାଖ୍ୟା ଅଟେ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୨୮............ ବେରୁତ ଲେବ୍‌ନାନ୍ ୧୯୯୦)***

ହଜ୍‌ରତ୍ ସାଆଦ୍ ବଳିଷ୍ଠ ଓ ସ୍ଥୁଳଶରୀର ବ୍ୟକ୍ତି ଥିଲେ । ଯେତେବେଳେ ତାଙ୍କ ଯନାଜାଃ ଉଠାଗଲା । ସେତେବେଳେ ମୁନାଫିକ୍‌ମାନେ କହିଲେ ଆମେ ଏଭଳି ହାଲୁକା ଶବ ପୂର୍ବରୁ କେବେ ଦେଖିନଥିଲୁ ଯେପରି ସାଆଦ୍‌ଙ୍କର ଅଟେ । ଏବଂ ସେମାନେ କହୁଥିଲେ ଯେ, ତାଙ୍କର ଏପରି ଅବସ୍ଥା ବନୁ କୁରୈଜା ପ୍ରସଙ୍ଗରେ ନିଷ୍ପତି ଯୋଗୁଁ ଘଟିଛି । ଯେତେବେଳେ ହଜୁର ସ:ଆ:ସଙ୍କୁ ଏଥି ସମ୍ବନ୍ଧରେ ଅବଗତ କରାଗଲା ସେତେବେଳେ ଆପଣ କହିଲେ, ସେହି ପରମେଶ୍ୱରଙ୍କ ରାଣ ଯାହାଙ୍କ ହାତ ମୁଠାରେ ମୋ ଜୀବନ ନାଟିକା ରହିଛି । ସାଆଦ୍‌ଙ୍କର ଯନାଜାଃକୁ ଦଳବଦ୍ଧ ହୋଇ ଉଠାଅ କାରଣ ଦେବଦୂତମାନେ ତାଙ୍କ ଯନାଜାଃକୁ ଧାରଣ କରିଛନ୍ତି । ଆଉ ଏକ ବର୍ଣ୍ଣନା ଅନୁଯାୟୀ, ହଜୁର ସ:ଆ:ସ କହିଲେ ୭୦ ହଜାର ଦେବଦୂତ ସାଆଦ୍‌ଙ୍କ ଯନାଜାଃରେ ଉପସ୍ଥିତ ହୋଇଛନ୍ତି ଯେ, ଆଜି ପୂର୍ବରୁ କଦାପି ଭୁପୃଷ୍ଠରେ ଅବତରଣ କରିନଥିଲେ, ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୨୮............ ବେରୁତ ଲେବ୍‌ନାନ୍ ୧୯୯୦) (ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୬୪.......... ବେରୁତ ଲେବ୍‌ନାନ ୨୦୦୩)***

ହଜ୍‌ରତ୍ ଆଇଶା ର:ଅ କୁହନ୍ତି, ହଜୁର ସ:ଆ:ସଙ୍କୁ ହଜ୍‌ରତ୍ ସାଆଦ୍‌ଙ୍କ ଯନାଜାଃରେ ଆଗେ ଆଗେ ଚାଲୁଥିବାର ଦେଖିବାକୁ ପାଇଲି ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୨୯............ ବେରୁତ ୧୯୯୦)***

ହଜ୍‌ରତ୍ ଅବୁ ସଇଦ୍ ଖୁଦ୍‌ରି ର:ଅ ବର୍ଣ୍ଣନା କରନ୍ତି, ମୁଁ ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଯେ ସାଆଦ୍‌ଙ୍କ ପାଇଁ ଜନ୍ନତୁଲ୍ ବକିରେ କବର ଖନନ କରିଥିଲା । ଯେତେବେଳେ ଆମେ ମୃତିକାର କୌଣସି ଅଂଶ ଖନନ କରୁଥିଲୁ ସେତେବେଳେ ସେଥିରୁ କସ୍ତୁରୀର ସୁଗନ୍ଧ

ଆସୁଥିଲା । ସେ ଯେତେବେଳେ ଆମେ କବର ଖନନ କରିନେଲୁ ସେତେବେଳେ ହଜୁର ସ:ଆ:ସ ର ଆଗମନ ହେଲା । ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କ ଯନାଜାଃ କବର ନିକଟରେ ରଖାଗଲା ଏବଂ ହଜୁର ଯନାଜାଃ ପାଠ କରାଇଲେ । ବର୍ଣ୍ଣନାକାରୀ କୁହନ୍ତି ମୁଁ ଏଭଳି ସଂଖ୍ୟାରେ ଜନସମାଗମ ରୁଣ୍ଡ ହେବାର ଦେଖିନଥିଲି ଯାହାକି ଜନ୍ନତୁଲ୍ ବକିରେ ଆଉ ଲୋକମାନଙ୍କର ଉପସ୍ଥିତ ହେବାପାଇଁ, ଦଣ୍ଡାୟମାନ ହେବାପାଇଁ ସ୍ଥାନ ନଥିଲା । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୨୯-୩୩୦............ ବେରୁତ ଲେବ୍‌ନାନ୍ ୧୯୯୦)***

ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ନିଜ ପିତାଙ୍କ ମାଧ୍ୟମରେ ବର୍ଣ୍ଣନା କରନ୍ତି, ଯେତେବେଳେ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କ କବର ପ୍ରସ୍ତୁତ ହୋଇଗଲା । ସେତେବେଳେ ଚାରିଜଣ ବ୍ୟକ୍ତି ଯଥାକ୍ରମେ ହାରିସ୍ ବିନ୍ ଓ୍ୱସ୍, ଉସୈଦ୍ ବିନ୍ ହଜିର୍, ଅବୁ ନାଏଲା, ସିଲ୍‌କାନ୍ ବିନ୍ ସଲାମା, ସଲ୍‌ମା ବିନ୍ ସଲାମା ବିନ୍ ଓ୍ୱକସ୍ ହଜ୍‌ରତ୍ ସାଆଦ୍‌ଙ୍କ କବରରେ ଓହ୍ଲାଇଲେ । ହଜୁର ସ:ଆ:ସ ହଜ୍‌ରତ୍ ସାଆଦ୍‌ଙ୍କ ପାଦପାର୍ଶ୍ୱରେ ଛିଡ଼ା ହୋଇଥିଲେ ଯେତେବେଳେ ହଜ୍‌ରତ୍ ସାଆଦ୍‌ଙ୍କୁ କବରରେ ରଖାଗଲା ସେତେବେଳେ ହଜୁର ସ:ଆ:ସଙ୍କ ମୁଖର ବର୍ଣ୍ଣ ବଦଳିଗଲା । ଅର୍ଥାତ ଆପଣଙ୍କ ଚେହେରାର ରଙ୍ଗ ପରିବର୍ତନ ଘଟିଲା । ହଜୁର ସ:ଆ:ସ ତିନିଥର ସୁବ୍‌ହାନଲ୍ଲାଃ କହିଲେ, ସାହାବାଗଣ ମଧ୍ୟ ତିନିଥର ସୁବ୍‌ହାନଲ୍ଲାଃ କହିଲେ ଏହିପରି ଜନ୍ନତୁଲ୍ ବକିରେ ଗୁଞ୍ଜରିତ ହୋଇ ଉଠିଲା । ତା'ପରେ ହଜୁର ସ:ଆ:ସ ତିନିଥର ଅଲ୍ଲାହୁ ଅକ୍‌ବର୍ କହିଲେ ଏବଂ ଆପଣଙ୍କ ସାଥିରେ ସାହାବାଗଣ ମଧ୍ୟ ତିନିଥର ଅଲ୍ଲାଃ ହୁ ଅକ୍‌ବର୍ ଏପରି କହିଲେ କି ଜନ୍ନତୁଲ୍ ବକି ଗୁଞ୍ଜରିତ ହୋଇଉଠିଲା ।

ପରବର୍ତୀ ସମୟରେ ସାହାବା ହଜୁର ସ:ଆ:ସଙ୍କୁ ପଚାରିଲେ ହଜୁର ଆପଣଙ୍କ ଚେହେରା ରଙ୍ଗ ପରିବର୍ତନ ହେବା ଆମେ ଲକ୍ଷ୍ୟ କଲୁ ଏବଂ ଆପଣ ତିନିଥର ସୁଭାନଅଲ୍ଲାଃ କହିଥିଲେ ଏହାର ତାତ୍ପର୍ଯ୍ୟ କଣ ବୁଝାପଡ଼ିଲା ନାହିଁ । ହଜୁର ଉତର ଦେଲେ ସାଆଦ୍‌ଙ୍କୁ କବରରେ ସ୍ଥାନ ହେଲାନାହିଁ ଏବଂ ତାଙ୍କ ଉପରେ ଚାପ ପଡ଼ିଥିଲା ଯଦି ସେଠାରେ କାହାରିକୁ ମୁକ୍ତି ମିଳିପାରିଥାନ୍ତା ତେବେ ସାଆଦ୍‌ଙ୍କୁ ନିଶ୍ଚିତ ମିଳିଥାନ୍ତା । ଅତଏବ ପରମେଶ୍ୱର ତାଙ୍କ ପାଇଁ କବରକୁ ପ୍ରସସ୍ତ କରିଦେଲେ । ***(ତବକାତୁଲ୍ କୁବ୍‌ରା ଲି ଇବ୍‌ନେ ସାଆଦ୍........... ଖଣ୍ଡ-୩, ପୃ-୩୩୦............ ବେରୁତ୧୯୯୦)***

ମୁସ୍‌ବିର୍ ବିନ୍ କର୍‌ଜା ବର୍ଣ୍ଣନା କରନ୍ତି, ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କ ମାତା ତାଙ୍କୁ କବରରେ ଅବତରଣ କରିବା ନିମନ୍ତେ ଆସିବାରୁ ଲୋକେ ତାଙ୍କୁ ଫେରାଇ ଦେଉଥିଲେ କିନ୍ତୁ ହଜୁର ସ:ଆ:ସ କହିଲେ ତାଙ୍କୁ ଆସିବାକୁ ଦିଅ ସେ ଆସିଲେ ଓ ଇଟା ଓ ମାଟି ଦେବା ପୂର୍ବରୁ ସେ ସାଆଦ୍‌ଙ୍କ କବର ଭିତରେ ଥିବାର ଦେଖିଲେ ଏବଂ କହିଲେ ମୋର ବିଶ୍ୱାସ ତୁମେ ପ୍ରଭୁଙ୍କ ଶରଣେ ଅଛ । ହଜୁର ସ:ଆ:ସ ସେଠାରେ ସାଆଦ୍‌ଙ୍କ ବିୟୋଗରେ ତାଙ୍କ ମାତାଙ୍କ ନିକଟରେ ସହାନୁଭୂତି ପ୍ରକାଶ କଲେ ଏବଂ ସେହିଠାରେ ବସି ପଡ଼ିଲେ ମୁସଲମାନମାନେ ଯେତେବେଳେ ମାଟିଭରି କବର ସମତୁଲ କରି ଜଳ ସିଂଚନ କରିଦେଲେ । ସେତେବେଳେ ହଜୁର ସ:ଆ:ସ କବର ନିକଟକୁ ଆସି କିଛି କ୍ଷଣ ଛିଡ଼ା ରହିଲେ ତା'ପରେ ଦୁଆ କଲେ । ସେଥିଅନ୍ତେ ସେଠାରୁ ଫେରି ଆସିଲେ ।

ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ ଓ ଆପଣଙ୍କ ଦୁଇ ସାଥି ହଜ୍‌ରତ୍ ଅବୁବକର୍ ଓ ଉମର୍ ର:ଅଙ୍କ ଅନ୍ତେ ମୁସଲମାନମାନଙ୍କୁ ଏଭଳି ଦୁଃଖର ପାହାଡ଼ ସହ୍ୟ କରିବାକୁ ପଡ଼ିନଥିଲା । ଯେଭଳି ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କ ବିୟୋଗରେ ହୋଇଥିଲା । ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କ ବୟସ ସେତେବେଳେ ୩୭ ବର୍ଷ ଥିଲା । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୩୦-୩୩୧............ ବେରୁତ ଲେବ୍‌ନାନ୍ ୧୯୯୦)***

ହଜୁର ସ:ଆ:ସ ତାଙ୍କ ମାତାଙ୍କୁ କହିଲେ କଣ ତୁମ ଦୁଃଖ ଦୁର ହେବନାହିଁ ଏବଂ ତୁମ ଲୁହ ଝରିବା ବନ୍ଦ ହେବନାହିଁ । ଦେଖ ତୁମ ପୁତ୍ର ପ୍ରଥମ ବ୍ୟକ୍ତି ଯାହାପାଇଁ ପରମେଶ୍ୱର ପ୍ରସନ୍ନମୁଖର ହୋଇଉଠିଲେ ଏବଂ ଯାହା ପାଇଁ ତାଙ୍କ ପ୍ରାସାଦ ପ୍ରକମ୍ପିତ ହୋଇଉଠିଲା । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୩୨............ ବେରୁତ ଲେବ୍‌ନାନ୍ ୧୯୯୦)***

ହଜୁର ସ:ଆ:ସ ସାଆଦ୍‌ଙ୍କ ଅନ୍ତେଷ୍ଟିକ୍ରୀୟା ସମ୍ପନ୍ନ କରି ଫେରିବା ସମୟରେ ଆପଣଙ୍କ ଚକ୍ଷୁରୁ ଅଶ୍ରୁ ନିର୍ଗତ ହେଉଥିଲା ଏବଂ ତାହା ଆପଣଙ୍କ ଦାଢ଼ିରେ ପଡ଼ିଥିଲା ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୬୩.......... ଲେବ୍‌ନାନ୍୨୦୦୩)***

ଉଲ୍ଲେଖ ରହିଛି ଏକଦା ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅ କହିଲେ ନିଃସନ୍ଦେହରେ ମୁଁ ଦୂର୍ବଳ କିନ୍ତୁ ତିନିଗୋଟି ବିଷୟରେ ମୁଁ ବେଶ୍ ସୁଦୃଢ଼ ଯାହା ଉପରେ ମୁଁ କାର୍ଯ୍ୟକାରୀ କରିଥାଏ ପ୍ରଥମ ଏହି କି ଯେ, ହଜୁର ସ:ଆ:ସଙ୍କଠାରୁ ଯାହା ଶୁଣିଲି ତାହାକୁ ନିରାଟ ସତ୍ୟ ବୋଲି ବିଶ୍ୱାସ କରିନେଲି । ସେଥିରେ ମୋର କୌଣସି ସନ୍ଦେହ ନାହିଁ । ଦ୍ୱିତୀୟ ଏହିକି ଯେ, ମୁଁ ନମାଜ ପାଠ କଲା ବେଳେ ମନରେ କୌଣସି ପ୍ରକାର ଭାବନା ପୋଷଣ କରିନଥାଏ ଅର୍ଥାତ ପୂର୍ଣ୍ଣ ମନଯୋଗର ସହ ନମାଜ ସମ୍ପନ୍ନ କରିଥାଏ । ସେ ବେଶ୍ ଏକାଗ୍ରତାର ସହ ନମାଜ ପାଠ କରୁଥିଲେ । ତୃତୀୟ ଏହିକି ଯେ, କୌଣସି ଯନାଜାଃ ଉପସ୍ଥିତ ହେବା ପୂର୍ବରୁ ମୁଁ ନିଜକୁ ତାହା ସ୍ଥାନରେ ରଖି ନିଜକୁ ମୃତ୍ୟୁ ମଣୁଥିଲି କି ତାହା ସହ ଯେଉଁ ପ୍ରଶ୍ନ ଉତର ହେଉଛି ସେ ତାହାର କିଭଳି ଉତର ଦେଇଥିବେ ଏବଂ ମତେ ଏହି ଚିନ୍ତା ଘାରୁଥିଲା ଯେ, ଅନ୍ତିମ ଦିବସରେ ସେହି ପ୍ରଶ୍ନ ଉତରର ମତେ ସମ୍ମୁଖିନ ହେବାକୁ ପଡ଼ିବ । ***(ମଜ୍‌ମାଅଜ୍ ଜଓ୍ୱାଇଦ୍......... ହଦିସ୍ ୧୫୬୮୯, ଖଣ୍ଡ-୯, ପୃ-୩୭୫.......... ବେରୁତ ୨୦୦୧)***

ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରନ୍ତି, ଯେ ଅନ୍‌ସାରର ତିନିଜଣ ବ୍ୟକ୍ତି ଏଭଳି ଥିଲେ ଯେ ବନୁ ଅବ୍‌ଦେ ଅସ୍‌ହଲ୍ ସମ୍ପ୍ରଦାୟର ଥିଲେ । ହଜୁର ସ:ଆ:ସଙ୍କ ଅନ୍ତେ ଅନ୍ୟ କାହାରିକୁ ସେମାନଙ୍କ ଉପରେ ପ୍ରାଧାନ୍ୟ ଦିଆଯାଇନାହିଁ ଏବଂ ସେ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍, ହଜ୍‌ରତ୍ ଉସୈଦ୍ ବିନ୍ ହଜିର ଓ ହଜ୍‌ରତ୍ ଅବାଦ୍ ବିନ୍ ବିଶର୍ ଥିଲେ ।

***(ଅଲ୍‌ଅସାବାଃ....... ଖଣ୍ଡ-୩, ପୃ-୭୧.......... ବେରୁତ ୧୯୯୫)***

ପରବର୍ତୀ ସାହାବି ଯାହାଙ୍କର ଚର୍ଚ୍ଚା ହେବ ସେ ହେଲେ ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ୍ । ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ୍‌ଙ୍କର କୁନିୟତ୍ ଅବୁ ଇସ୍‌ହାକ୍ ଥିଲା ଆପଣଙ୍କ ପିତାଙ୍କ ନାମ ମାଲିକ୍ ବିନ୍ ଅହେବ୍ ଥିଲା । ଆଉ ଏକ ବର୍ଣ୍ଣନା ଅନୁଯାୟୀ ତାଙ୍କ ପିତାଙ୍କ ନାମ ମାଲିକ୍ ବିନ୍ ଉହେବ୍ ଥିଲା । ଆପଣଙ୍କ ପିତାଙ୍କ କୁନିୟତ୍ ଅବୁ ଓ୍ୱକାସ୍ ଯୋଗୁଁ ଆପଣ ସୁପ୍ରସିଦ୍ଧ ଥିଲେ ଅର୍ଥାତ ତାଙ୍କ ପିତା ଅବୁ ଓ୍ୱକାସ୍ ନାମରେ ଖ୍ୟାତି ଅର୍ଜନ କରିଥିଲେ । ତେଣୁ ଆପଣଙ୍କ ନାମ ଅର୍ଥାତ ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ୍‌ଙ୍କ ନାମ ସାଆଦ୍ ବିନ୍ ଓ୍ୱକାସ୍ ଥିବାର ବର୍ଣ୍ଣନା ମିଳୁଅଛି । ଆପଣଙ୍କ ମାତାଙ୍କ ନାମ ହମ୍‌ନା ବିନ୍‌ତେ ସୁଫିୟାନ୍ ଥିଲା । ***(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୨, ପୃ-୬୦୬-୬୦୭.......... ବେରୁତ) (ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୦୧............ ବେରୁତ ୧୯୯୦)***

ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ୍‌ଙ୍କ ସମ୍ପର୍କ କୁରୈଶ୍‌ର କବିଲା ବନୁ ଜୋହରା ସହିତ ଥିଲା । ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ୍ ସେହି ଦଶ ଜଣ ସାହାବିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଯେଉଁମାନଙ୍କୁ ହଜୁର ସ:ଆ:ସ ତାଙ୍କ ଜୀବନକାଳ ମଧ୍ୟରେ ବୈକୁଣ୍ଠବାସୀ ହେବାର ସୁସମ୍ବାଦ ପ୍ରଦାନ କରିଥିଲେ । ଯାହାଙ୍କୁ ଅସ୍‌ରା ମୁବ୍‌ଶିରା କୁହନ୍ତି । ଉକ୍ତ ସାହାବିଙ୍କ ମଧ୍ୟରେ ଆପଣ ସର୍ବଶେଷରେ ଇହଧାମ ତ୍ୟାଗ କରିଥିଲେ ।

***(ଅଲ୍‌ଅସାବାଃ....... ଖଣ୍ଡ-୨, ପୃ-୩୨୪.......... ବେରୁତ ୨୦୦୧)***

ସେ ସଭିଏଁ ମୁହାଜିର ଥିଲେ ଅର୍ଥାତ ଅସରା ମୁବ୍‌ଶିରା । ହଜୁର ସ:ଆ:ସ ଇହଧାମ ତ୍ୟାଗ କରିବା ପୂର୍ବରୁ ସେମାନଙ୍କ ଉପରେ ପ୍ରସନ୍ନିତ ଥିଲେ । ଅର୍ଥାତ ସେ ସମସ୍ତ ଅସ୍‌ରା ମୁବ୍‌ଶିରାଙ୍କ ଉପରେ ହଜୁର ସ:ଆ:ସ ପ୍ରସନ୍ନିତ ଥିଲେ ।

ସାଆଦ୍ ନିଜ ବିଶ୍ୱାସ ଆଣିବା ଘଟଣା ସମ୍ବନ୍ଧରେ ଚର୍ଚ୍ଚା କରି କୁହନ୍ତି । ଯେଉଁ ଦିନ ମୁଁ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେଲି ସେହି ଦିନ ଅନ୍ୟ କେହି ଦୀକ୍ଷା ନେଇନଥିଲେ ଏବଂ ମୁଁ ସାତ ଦିନ ପର୍ଯ୍ୟନ୍ତ ଅପେକ୍ଷାରତ ରହିଲି ଏବଂ ପରିସ୍ଥିତି ଏପରି ଥିଲା ଯେ ମୁଁ ମୁସଲମାନମାନଙ୍କ ଏକ ତୃତୀୟାଂଶ ଥିଲି । ***(ସହି ବୁଖାରୀ........ ହଦିସ୍ ନଂ- ୩୭୨୭,୩୮୫୮)***

ଆପଣ କୁହନ୍ତି ମୁସଲମାନମାନଙ୍କ ଉପରେ ନମାଜ ଧାର୍ଯ୍ୟ ହେବା ପୂର୍ବରୁ ମୁଁ ମୁସଲମାନ ହୋଇଯାଇଥିଲି ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୫୩.......... ଲେବ୍‌ନାନ୍ ୨୦୦୩)***

ତାଙ୍କ ସୁପୁତ୍ରୀ ତାଙ୍କ ବିଶ୍ୱାସ ଆଣିବା ଘଟଣା ଚର୍ଚ୍ଚା କରି କୁହନ୍ତି । ଯେ ମୋ ପିତା ସ୍ୱପ୍ନରେ ଦେଖିଲେ କି ସେ ଅନ୍ଧକାରମୟ ସ୍ଥାନରେ ଅଛନ୍ତି ଏବଂ ତାଙ୍କୁ କିଛି ହେଲେ ଦେଖାଯାଉନାହିଁ । ହଠାତ୍ ସେ କଣ ଦେଖିଲେ ଯେ, ଚନ୍ଦ୍ରମାଙ୍କର ଆବିର୍ଭାବ ହେଲା ଏବଂ ମୁଁ ସେହି ଦିଗକୁ ଅର୍ଥାତ ହଜ୍‌ରତ୍ ସାଆଦ୍ ସେହି ଦିଗକୁ ଅଗ୍ରସର ହେଉଛନ୍ତି । ପୁନଶ୍ଚ କଣ ଦେଖୁଛନ୍ତି ଯେ, ତାଙ୍କ ପୂର୍ବରୁ ହଜ୍‌ରତ୍ ଜୈଦ୍ ବିନ୍ ହାରିସ୍, ହଜ୍‌ରତ୍ ଅଲୀ, ହଜ୍‌ରତ୍ ଅବୁବକର ଚନ୍ଦ୍ରମା ଆଡ଼କୁ ଅଗ୍ରସର ହେଉଛନ୍ତି । ମୁଁ ତାଙ୍କୁ ପଚାରିଲି ଆପଣ କେବେ ଏଠାରେ ପହଂଚିଲେ ସେମାନେ ଉତର ଦେଲେ ଆମେମାନେ ମଧ୍ୟ ବର୍ତମାନ ହିଁ ପହଂଚିଛୁ । ସାଆଦ୍ କୁହନ୍ତି ମତେ ସୁଚନା ମିଳିଯାଇଥିଲା ଯେ ହଜୁର ସ:ଆ:ସ ଗୁପ୍ତରେ ଲୋକମାନଙ୍କୁ ଇସ୍‌ଲାମ ପ୍ରତି ଡ଼ାକରା ଦେଉଛନ୍ତି । ସୁତରାଂ ମୁଁ ସୋଏବେ ଆଜିୟାଦ୍‌ରେ ଯାଇ ତାଙ୍କୁ ସାକ୍ଷାତ କଲି ଆଜିୟାଦ୍ ମକ୍କାର ସଫା ପାହଡ଼ ସହ ସଲଗ୍ନ ଥିବା ଏକ ସ୍ଥାନ ଯେଉଁ ସ୍ଥଳେ ହଜୁର ସ:ଆ:ସ ନିଜର ଛେଳି ଚରାନ୍ତି । ଆପଣ ସ:ଆ:ସ ଅସର ନମାଜ ପାଠ କରି ବସିଥିଲେ ଯେ, ମୁଁ ଆପଣଙ୍କ ନିକଟରେ ସେଠାରେ ପହଂଚିଗଲି ଏବଂ ବୟତ କରି ମୁସଲମାନ ହୋଇଗଲି ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୫୫.......... ଲେବ୍‌ନାନ୍୨୦୦୩) (ରୌଶନ୍ ସିତାରେ ଲେଖକ ଗୁଲାମ୍ ବାରି ସୈଫ୍ ଖଣ୍ଡ-୨, ପୃ-୬୩-୬୪) (ଫର୍‌ହଙ୍ଗ ସିରତ୍, ପୃ-୩୦, ଜୱ୍ୱାର ଏକାଡ଼େମି କରାଚି ୨୦୦୩)***

ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ୍‌ଙ୍କ କନ୍ୟା ଆଇଶା କୁହନ୍ତି ମୁଁ ନିଜ ପିତାଙ୍କୁ ଏହା କହୁଥିବାର ଶୁଣିଛି ଯେ, ଯେତେବେଳେ ମୁଁ ମୁସଲମାନ ହେଲି ସେତେବେଳେ ମୋର ବୟସ ୧୭ ବର୍ଷ ଥିଲା । ଆଉ ଏକ କଥନ ଅନୁଯାୟୀ ତାଙ୍କ ବୟସ ୧୯ ବର୍ଷ ହୋଇଥିଲା ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୦୩............ ଲେବ୍‌ନାନ୍୧୯୯୦)***

ପ୍ରାରମ୍ଭିକ ପ୍ରର୍ଯ୍ୟାୟରେ ହଜ୍‌ରତ୍ ଅବୁବକର ର:ଅଙ୍କ ପ୍ରଚାର ଦ୍ୱାରା ପାଂଚଜଣ ଏଭଳି ବ୍ୟକ୍ତି ମୁସଲମାନ ହେଲେ ଯେ, ପରେ ବେଶ୍ ସୁନାମ ଅର୍ଜନ ଓ ଉଚ୍ଚ ଆସନରେ ଅଧିଷ୍ଠିତ ହୋଇଥିଲେ । ସେମାନଙ୍କ ମଧ୍ୟରେ ତୃତୀୟ ସାହାବିଜଣକ ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ୍

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)

***ତାଲିବେ ଦୁଆ:*** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଥିଲେ । ସିରତ୍ ଖାତ୍‌ମୁନ୍ ନବିୟିନ୍‌ରେ ଦରଜ ରହିଛି ଯେ, ସେତେବେଳେ ସେ ପୂର୍ଣ୍ଣ ଯୌବନରେ ଅବସ୍ଥାରେ ଥିଲେ ସେତେବେଳେ ତାଙ୍କ ବୟସ ୧୯ ବର୍ଷ ଥିଲା । ସେ ବନୁ ଜୋହ୍‌ରା ସମ୍ପ୍ରଦାୟର ଥିଲେ ଏବଂ ଅତ୍ୟନ୍ତ ବୀର ଓ ସାହାସି ଯୁବକ ଥିଲେ । ହଜ୍‌ରତ୍ ଉମର୍ ର:ଅଙ୍କ ସମୟକାଳରେ ଇରାକ ତାଙ୍କ ନେତୃତ୍ୱରେ ହିଁ ମୁସଲମାନମାନଙ୍କ ଅଧିନରେ ଆସିଥିଲା । ଅର୍ଥାତ ମୁସଲମାନମାନେ ଇରାକ ଉପରେ ବିଜୟ ପ୍ରାପ୍ତ କରିଥିଲେ ଏବଂ ତାଙ୍କ ନିଧନ ଅମୀର ମାଓ୍ୱିୟାଙ୍କ ସମୟକାଳରେ ଘଟିଥିଲା । ***(ସିରତ୍ ଖାତ୍‌ମୁନ୍ ନବିୟିନ୍........ ପୃ-୧୨୨-୧୨୩)***

ହଜ୍‌ରତ୍ ସାଆଦ୍ ବିନ୍ ଅବି ୱ୍ୱକାସ୍ ହଜୁର ସ:ଆ:ସଙ୍କର ଅନେକ ଗୁଡ଼ିଏ କଥନ ବର୍ଣ୍ଣନା କରିଛନ୍ତି ।

***(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୩୨୪.......... ଲେବ୍‌ନାନ୍ ୨୦୦୧)***

ତାଙ୍କ ପୁତ୍ର ମୋସେବ୍ ବର୍ଣ୍ଣନା କରନ୍ତି, ଯେ ମୋ ପିତା ମୋତେ କହିଲେ ମୋ ମାତା ସାଆଦ୍‌ଙ୍କର ମାତା ଅତାର୍ଥ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱ୍ୱକାସ୍‌ଙ୍କ ମାତା ଶପଥ କରିଥିଲେ କି ସେ ମୋ ସହ କଦାପି କଥା ହେବେନାହିଁ ଯେପର୍ଯ୍ୟନ୍ତ କି ମୁଁ ସ୍ୱଧର୍ମକୁ ପରିହାର କରିନାହିଁ । ଅର୍ଥାତ ଇସ୍‌ଲାମ୍ ଧର୍ମକୁ ପରିତ୍ୟାଗ କରିନାହିଁ । ଅତଏବ ସେ ନା କୌଣସି ଅନ୍ନଜଳ ଗ୍ରହଣ କଲେ ଶେଷରେ ତାଙ୍କ ମାତା କହିଲେ ତୁମେ ପରା କୁହ ଯେ ମୋ ପ୍ରଭୁ ତୁମକୁ ନିଜ ପିତାମାତାଙ୍କ ସହ ନମ୍ର ଆଚରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅତଏବ ମୁଁ ତୁମର ଜନ୍ମଦାତ୍ରୀ ମାଆ, ତୁମକୁ ଆଦେଶ ଦେଉଛି ଯେ, ଏହି ଧର୍ମକୁ ପରିହାର କର ଏବଂ ଯାହା ମୁଁ କହୁଅଛି ତାହାର ପାଳନ କର । ବର୍ଣ୍ଣନାକାରୀ କୁହନ୍ତି ଏଭଳି ଅବସ୍ଥାରେ ସେ ତିନିଦିନ ପର୍ଯ୍ୟନ୍ତ ଅଟଳ ରହିଥିଲେ । ଯଦ୍ୱାରା ସେ ଦୁର୍ବଳତାର ଶୀକାର ହୋଇ ଚେତାଶୂନ୍ୟ ହୋଇଯାଇଥିଲେ । ତାହାପରେ ତାଙ୍କ ପୁତ୍ର ଅମାରା ତାଙ୍କୁ ଜଳପାନ କରାଇଥିଲେ, ଚେତା ଫେରିବା ପରେ ସେ ସାଆଦ୍‌ଙ୍କର ଅନିଷ୍ଟ କାମନା କରି ବଦ୍‌ଦୁଆ (ଅଭିଷାପ) ତାଙ୍କୁ ଦେଇଥିଲେ । ସେତେବେଳେ ଐଶ୍ୱର୍ଯ୍ୟମୟ ପ୍ରଭୁ ଏହି ବାଣୀ ଅବତୀର୍ଣ୍ଣ କଲେ: **ୱ୍ୱ ୱ୍ୱସ୍‌ସଇନଲ୍ ଇନ୍‌ସାନା ବିୱ୍ୱାଲିଦୈହେ ହୁସ୍‌ନା** ଏହା ଅନ୍‌କବୁତ୍‌ର ପଂକ୍ତି ଅଟେ । ଅର୍ଥାତ ଆମ୍ଭେ ମନୁଷ୍ୟକୁ ତାହାର ପିତାମାତାଙ୍କର କର୍ତବ୍ୟ ସମ୍ପାଦନ କରିବା ଓ ତାଙ୍କ ସହ ଉତମ ଆଚରଣ ପ୍ରଦର୍ଶନ କରିବାର ଆଦେଶ ଦେଇଛୁ । ପୁନଶ୍ଚ ସୁରଃ ଲୁକ୍‌ମାନ୍‌ରେ ଏହା ଦରଜ ରହିଛି କି **ଯାହଦାକା ଅଲା ଅନ୍ ତୁଶ୍‌ରିକା ବି** ଅର୍ଥାତ ଯଦି ସେ ଦୁହେଁ ତୁମ ସହ ଝଗଡ଼ା କରନ୍ତି ତର୍କ କରନ୍ତି ତେବେ ତୁମେ ମୋର ସମକକ୍ଷ ଅନ୍ୟ କାହାରିକୁ କର ତେବେ ତୁମେ ତାଙ୍କର ଆଜ୍ଞାପାଳନ କରନାହିଁ । ଉକ୍ତ ପଂକ୍ତି ଆଗକୁ ଏହା ମଧ୍ୟ ନିର୍ଦ୍ଦେଶ ଦେଲେ ଯେ, ସାଂସାରିକ କ୍ଷେତ୍ରରେ ପରମ୍ପରା ଅନୁଯାୟୀ ସେମାନଙ୍କ ସହ ପ୍ରେମ ଓ ପ୍ରିତୀ ସମ୍ପର୍କ ଅଭ୍ୟାହତ ରଖ । ସେମାନଙ୍କ ସହ ସୁନ୍ଦର ଓ ନମ୍ର ଆଚରଣ ପ୍ରଦର୍ଶନ କର । ଯଦି ସେ ପ୍ରଭୁଙ୍କ ସହ କାହାର ସିର୍କ ଅର୍ଥାତ ସମକକ୍ଷ କରିବାକୁ ବାଧ୍ୟ କରନ୍ତି ତେବେ ଏହି ପ୍ରସଙ୍ଗରେ ତାଙ୍କର ଆଦେଶ ପାଳନ କରନାହିଁ । **ୱ୍ୱ ସାହିବୁହୁମା ଫିଦ୍‌ଦୁନ୍‌ୟା ମାରୁଫା ।** ଅର୍ଥାତ ତାଙ୍କ ସହିତ ସୁସମ୍ପର୍କ ରଖି ଓ ତାଙ୍କ ସହିତ ପୂଣ୍ୟ କର ।

ହଜ୍‌ରତ୍ ସାଆଦ୍ ବିନ୍ ଅବି ୱ୍ୱକାସ୍ ବର୍ଣ୍ଣନା କରନ୍ତି । ମୁଁ ନିଜ ମାତାଙ୍କୁ ଅତି ଭଲ ପାଏ ଆଗକୁ ଜୀବନୀ ପୁସ୍ତକରେ ଉଲ୍ଲେଖ ରହିଛି । ହଜ୍‌ରତ୍ ସାଆଦ୍ ବିନ୍ ଅବି ୱ୍ୱକାସ୍ ବର୍ଣ୍ଣନା କରନ୍ତି, ମୁଁ ନିଜ ମାତାଙ୍କୁ ବହୁତ ପ୍ରେମ କରେ କିନ୍ତୁ ଯେତେବେଳେ ମୁଁ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ କଲି ସେତେବେଳେ ସେ ମୋ ଉପରେ କ୍ଷୋଭ ପ୍ରକାଶ କଲେ ଏବଂ ମତେ କହିଲେ ତୁମେ ସ୍ୱଧର୍ମକୁ ପରିହାର କର ନଚେତ ମୁଁ ଅନ୍ନଜଳ ଗ୍ରହଣ କରିବି ନାହିଁ । ଏପରି କି ମୁଁ ମରିଯିବି ସାଆଦ୍ କୁହନ୍ତି ମୁଁ ତାଙ୍କୁ କହିଲି ହେ ମାତା ଏପରି କରନାହିଁ କାରଣ ମୁଁ ଇସ୍‌ଲାମ୍ ଛାଡ଼ିପାରିବି ନାହିଁ । ସାଆଦ୍ ବର୍ଣ୍ଣନା କରନ୍ତି ଯେ, ସେ ଦିବାରାତ୍ର ଅନ୍ନଜଳ ସ୍ପର୍ଶ କଲେନାହିଁ ଯଦ୍ୱାରା ତାଙ୍କ ଅବସ୍ଥା ସୋଚନୀୟ ହୋଇପଡ଼ିଲା ସେତେବେଳେ ମୁଁ ତାଙ୍କୁ କହିଲି ଯଦି ତୁମକୁ ଏକହଜାର ଜୀବନ ଲାଭ ହୁଏ ଏବଂ ତାହା ଗୋଟି ଗୋଟିକରି ଉଡ଼ିଯାଏ ତେବେ ସୁଦ୍ଧା ମୁଁ ସ୍ୱଧର୍ମକୁ ପରିହାର କରିପାରିବିନାହିଁ । ତା'ପରେ ସେ ଅର୍ଥାତ ସାଆଦ୍‌ଙ୍କର ମାଆ ଖାଇବା ପିଇବା ଆରମ୍ଭ କରିଦେଇଥିଲେ । ସେତେବେଳେ ପ୍ରଭୁ ଏହି ପଂକ୍ତି ଅବତୀର୍ଣ୍ଣ କଲେ: **ୱ୍ୱ ଇନ୍ ଯାଦାକା ଅଲା ଅନ୍ ତଶ୍‌ରିକା ବି ମା ଲୈସା ଲକା ବିହି ଇଲ୍‌ମୁନ୍ ଫଲା ତୁତିଇହୁମା ୱ୍ୱ ସାହିବ୍ ହୁମା ଫିଦ୍‌ଦୁନ୍‌ୟର ମାରୁଫା (ଲୁକ୍‌ମାନ୍: ୧୬)** ଅର୍ଥାତ ସେ ଦୁହେଁ ତୁମ ସହ ତର୍କ କରନ୍ତି କି ତୁମେ ଅନ୍ୟକୁ ମୋର ସମକକ୍ଷ କରାଅ ଯାହା ତୁମକୁ ଜ୍ଞାତ ନାହିଁ ଏବେ ତୁମେ ତାହାର ଆଜ୍ଞାପାଳନ କରନାହିଁ । ହଁ ସାଂସାରିକ କ୍ଷେତ୍ରରେ ତାଙ୍କ ସହ ଉତମ ଆଚରଣ କର ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୪୫୫.......... ଲେବ୍‌ନାନ୍୨୦୦୩)***

ହଜୁର ସ:ଆ:ସ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱ୍ୱକାସ୍‌ଙ୍କୁ ମାମୁଁ ଡ଼ାକନ୍ତି । ଏକଦା ସାଆଦ୍ ସମ୍ମୁଖରେ ଚାଲିଆସୁଥିଲେ । ତାଙ୍କୁ ଦେଖି ହଜୁର ସ:ଆ:ସ କହିଲେ, ଇଏ ହେଉଛନ୍ତି ମୋ ମାମୁଁ ଯଦି କାହାର ଏପରି ମାମୁଁ ଅଛନ୍ତି ତେବେ ଦେଖାଅ । ଇମାମ୍ ତିର୍‌ମିଜି ଏହାର କାରଣ ଦର୍ଶାଇଛନ୍ତି କି ହଜୁର ସ:ଆ:ସଙ୍କ ମାତା ହଜ୍‌ରତ୍ ଆମେନା ବନୁ ଜୋହ୍‌ରା ସମ୍ପ୍ରଦାୟର ଥିଲେ ଏବଂ ସାଆଦ୍‌ଙ୍କର ସମ୍ପର୍କ ମଧ୍ୟ ଉକ୍ତ ଗୋଷ୍ଠୀ ସହିତ ହିଁ ଥିଲା । *(ତିର୍‌ମିଜି......... ହଦିସ୍ ନଂ- ୩୭୫୨)*

ହଜ୍‌ରତ ହୁରୈରା ର:ଅ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ ହୀରା ଗୁମ୍ଫାରେ ଥିଲେ କି ତାହା ଆନ୍ଦୋଳିତ ହେବାକୁ ଲଗିଲା । ଏଥିରେ ହଜୁର ସ:ଆ:ସ କହିଲେ ହେ ହୀରା ରହିଯାଅ କାରଣ ତୁମ ଉପରେ ଜଣେ ଅବତାର ଅବା ସତ୍ୟବାଦୀ ଅବା ଶହୀଦ ବ୍ୟତିତ ଅନ୍ୟ କେହି ନାହାନ୍ତି ଏବଂ ସେହି ପାହାଡ଼ରେ ସେତେବେଳ ହଜୁର ସ:ଆ:ସଙ୍କ ସାଥିରେ ହଜ୍‌ରତ୍ ଅବୁବକର ର:ଅ, ହଜ୍‌ରତ୍ ଉମର, ହଜ୍‌ତର୍ ଉସ୍‌ମାନ, ହଜ୍‌ରତ୍ ଅଲୀ, ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲା, ହଜ୍‌ରତ୍ ଜୁବୈର୍ ବିନ୍ ଅୱ୍ୱାମ୍ ଓ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱ୍ୱକାସ୍ ଉପସ୍ଥିତ ଥିଲେ । ଏହା ମୁସ୍‌ଲିମ୍‌ର ବର୍ଣ୍ଣନା ଅଟେ । ***(ସହି ମୁସ୍‌ଲିମ୍........ ହଦିସ୍ ୨୪୧୭)***

ଇସ୍‌ଲାମ୍‌ର ପ୍ରାରମ୍ଭିକ ସମୟରେ ଯେତେବେଳେ ମୁସଲମାନମାନେ ଲୁଚି ଲୁଚି ନମାଜ ପାଠ କରୁଥିଲେ । ଏକଦା ସାଆଦ୍ ଏକ ଘାଟିରେ କିଛି ସାହାବାଙ୍କ ସାଥିରେ ନମାଜ ପାଠ କରୁଥିଲେ ଏତିକିବେଳେ ଅମାନ୍ୟକାରୀଗଣ ସେଠାରେ ଆସି ପହଂଚିଗଲେ ଏବଂ ସେମାନଙ୍କ ସହ ଥଟ୍ଟା, ପରିହାସ ଓ ତାଚ୍ଛଲ୍ୟ କରିବା ଆରମ୍ଭ କରିଦେଲେ । ତଥା ଇସ୍‌ଲାମ୍‌ର ତ୍ରୁଟି ଗଣନା କରିବା ଆରମ୍ଭ କରିଦେଲେ ଯାହା କି ଅବାସ୍ତବ ଓ ଅବାନ୍ତର ଥିଲା । ଏପରି କି ଦୁଇଦଳ ମଧ୍ୟରେ ଲଢ଼େଇ ହେବାର ଉକ୍‌ଟ ପରିସ୍ଥିତି ଉପୁଜିଥିଲା । ସାଆଦ୍ ଜଣେ ଅମାନ୍ୟକାରୀ ମୁଣ୍ଡକୁ ଓଟର ଅସ୍ଥି ସାହାଯ୍ୟରେ ଏଭଳି ଜୋର୍‌ରେ ଆଘାତ ଦେଲେ ଯେ, ତାହାର ମୁଣ୍ଡ ଫାଟିଗଲା ଏହା ଇସ୍‌ଲାମ୍ ତରଫରୁ ପ୍ରଥମ ରକ୍ତପାତ ଥିଲା ।

***(ଅଲ୍‌ଅସାବାଃ....... ଖଣ୍ଡ-୨, ପୃ-୩୨୪.......... ଲେବ୍‌ନାନ୍ ୨୦୦୧)***

ମକ୍କାରେ ଅମାନ୍ୟକାରୀମାନେ ମୁସଲମାନମାନଙ୍କୁ ବାଛନ୍ଦ କରିଦେଇଥିଲେ ଯଦ୍ୱାରା ସେମାନେ ସୋଏବେ ଅବି ତାଲିବ୍‌ରେ ଏକଘରକିଆ ଜୀବନ ଅତିବାହିତ କରିଥିଲେ । ସେମାନଙ୍କ ମଧ୍ୟରେ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱ୍ୱକାସ୍ ମଧ୍ୟ ଥିଲେ । ତାହାର ଚର୍ଚ୍ଚା କରି ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ସିରତ୍ ଖାତ୍‌ମୁନ୍ ନବିୟିନ୍‌ରେ ଏପରି ଉଲ୍ଲେଖ କରିଛନ୍ତି କି ଯେଉଁ କଠୋରତା ଓ ସମସ୍ୟାପୂର୍ଣ୍ଣ ଦିନ ସେତେବେଳେ ମୁସଲମାନମାନେ ବରଦାସ୍ତ କରିଥିଲେ ତାହା ଅଧ୍ୟୟନ କଲେ ମଣିଷର ଶରୀର ଶିହରଣ ହୋଇଉଠୁଛି । ସାହାବାମାନେ ବର୍ଣ୍ଣନା କରନ୍ତି କି କେତେକ ସମୟରେ ସେମାନେ ପଶୁମାନଙ୍କ ପରି ଗଛର ପତ୍ର ସେବନ କରି କାଳାତିପାତ କରୁଥିଲେ । ସାଆଦ୍ କୁହନ୍ତି ଏକଦା ରାତିରେ ଏକ ନରମ ଜିନିଷ ଉପରେ ମୋର ପାଦ ପଡ଼ିଲା ଯାହାକି ଆଦ୍ର ଓ କୋମଳ ଅନୁଭବ ହେଲା । ସମ୍ଭବତଃ ତାହା ଖଜୁରୀର ଟୁକୁଡ଼ା ଥିଲା ସେତେବେଳେ ତାଙ୍କୁ ଏଭଳି ଭିଷଣ ଭୋକ ଅନୁଭବ ହେଉଥିଲା । ଯେ ସେ ତାହାକୁ ଉଠାଇ ଗିଳିଦେଲେ ସେ କୁହନ୍ତି ଆଜି ପର୍ଯ୍ୟନ୍ତ ମତେ ଜଣାନାହିଁ ଯେ ତାହା ବାସ୍ତବରେ କଣ ଥିଲା । ଆଉ ଏକ ଅବସରରେ ସେ ଏଭଳି ଭୋକିଲା ଥିଲେ କି ସେ ଏକ ଶୁଖିଲା ଚମଡ଼ା ରାସ୍ତାରେ ପଡ଼ିଥିବାର ପାଇଲେ ଅତଏବ ସେ ତାହାକୁ ନେଇ ପାଣିରେ ଭିଜାଇଦେଲେ ଓ ନରମ କରି ସଫାକରି ଗରମ କଲେ ଏବଂ ତିନିଦିନ ପର୍ଯ୍ୟନ୍ତ ସେହି ଦୈବି ସତ୍କାର ସେବନ କରି ଅତିବାହିତ କରିଥିଲେ । ***(ସିରତ୍ ଖାତ୍‌ମୁନ୍ ନବିୟିନ୍........ ପୃ-୧୬୬-୧୬୭)***

ଯେତେବେଳେ ପ୍ରଭୁ ମୁସଲମାନମାନଙ୍କୁ ପ୍ରବାସ କରିବାର ଅନୁମତି ପ୍ରଦାନ କଲେ । ସେତେବେଳ ସାଆଦ୍ ମଦିନା ଅଭିମୁଖେ ହିଜ୍‌ରତ୍ କରିଥିଲେ ଏବଂ ସେଠାରେ ନିଜ ଅମାନ୍ୟକାରୀ ଭାଇ ଉତ୍‌ବା ବିନ୍ ଅବି ୱ୍ୱକାସ୍‌ଙ୍କ ଘରେ ଅବସ୍ଥାନ କରିଥିଲେ । ମକ୍କାରେ ଉତ୍‌ବାଙ୍କ ଦ୍ୱାରା ଏକ ହତ୍ୟା ହୋଇଯାଇଥିଲା ଯଦ୍ୱାରା ସେ ମଦିନା ହିଜରତ କରିଯାଇଥିଲେ ।

***(ରୌଶନ୍ ସିତାରେ........... ଖଣ୍ଡ-୨, ପୃ-୬୬-୬୭)***

ସାଆଦ୍ ପ୍ରଥମ ପ୍ରବାସକାରୀମାନଙ୍କ ମଧ୍ୟରୁ ଥିଲେ, ହଜୁର ସ:ଆ:ସଙ୍କ ମଦିନା ଆଗମନ ପୂର୍ବରୁ ସେ ମଦିନା ଚାଲିଯାଇଥିଲେ ।

***(ଉସଦୁଲ୍ କାରି........ ଖଣ୍ଡ-୧, ପୃ-୩୦୫.......... ବେରୁତ ୨୦୦୧)***

ହଜୁର ତାଙ୍କର ମୈତ୍ରିକ ସମ୍ପର୍କ ହଜ୍‌ରତ୍ ମୁସେବ୍ ବିନ୍ ଅବିରଙ୍କ ସହ ସ୍ଥାପନ କରିଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୁ ହଜୁର ସ:ଆ:ସ ତାଙ୍କର ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କ ସହିତ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୦୩............ ଲେବ୍‌ନାନ୍ ୧୯୯୦)***

ମକ୍କାରେ ତାଙ୍କର ମୈତ୍ରିକ ସମ୍ପର୍କ ମୌଲାନା ଗୁଲାମ ଅଲୀ ସାହେବଙ୍କ କହିବା ଅନୁଯାୟୀ ହଜ୍‌ରତ୍ ମୁସ୍‌ଅବ୍ ର:ଅଙ୍କ ସହିତ ଥିଲା ଏବଂ ମଦିନାରେ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କ ସହିତ ସେ କୁରୈଶ୍‌ଙ୍କ ମଧ୍ୟରେ ବୀର ଅଶ୍ୱାରୋହୀମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଅର୍ଥାତ ହଜ୍‌ରତ୍ ସାଆଦ୍ ବନ୍ ଅବି ୱ୍ୱକାସ୍ । ଯୁଦ୍ଧରେ ହଜୁର ସ:ଆ:ସଙ୍କ ସୁରକ୍ଷା ଦାୟିତ୍ୱରେ ସେ ମୂତୟନ ରହୁଥିଲେ ।

***(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୨, ପୃ-୧୭୨.......... ଲେବ୍‌ନାନ୍ ୨୦୧୦)***

ଅବୁ ଇସ୍‌ହାକ୍ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ ସାହାବାଙ୍କ ମଧ୍ୟରେ ଚାରଜଣ ବ୍ୟକ୍ତି ବେଶ୍ ଧୂରନ୍ଧର ଆକ୍ରମଣକାରୀ ଥିଲେ । ସେମାନେ ହେଲେ, ହଜ୍‌ରତ୍ ଉମର୍ ର:ଅ, ହଜ୍‌ରତ୍ ଅଲୀ, ହଜ୍‌ରତ୍ ଜୁବୈର୍ ଓ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱ୍ୱକାସ୍ । ***(ଅଲ୍‌ଅସାବାଃ ଫି ତମିଜିସ୍ ସାହାବା....... ଖଣ୍ଡ-୨, ପୃ-୩୨୫.......... ଲେବ୍‌ନାନ୍ ୨୦୦୧)***

ମଦିନା ହିଜରତ କରିବାପରେ ମୁସଲମାନମାନେ, ତାଙ୍କ ଉପରେ କୁରୈଶ୍‌ର ଆକ୍ରମଣ କରିବା ଆତଙ୍କ ଓ ଭୟରେ ଘେରି ରହୁଥିଲେ । ଯଦ୍ୱାରା ପ୍ରାରମ୍ଭରେ ସେମାନଙ୍କ ସହିତ ହଜୁର ସ:ଆ:ସ ମଧ୍ୟ ଅନେକ ରାତ୍ରି ଅନିଦ୍ରାରେ ଅତିବାହିତ କରିଥିଲେ । ଏଥି ସଂକ୍ରାନ୍ତରେ ହଜ୍‌ରତ୍

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family,*
*Jamat Ahmadiyya, Kerang (Odisha)*

ଆଇଶା ର:ଅ ବର୍ଣ୍ଣନା କରନ୍ତି, ମଦିନା ଆସିବା ପରେ ହଜୂର ସ:ଆ:ସ ଏକଦା ରାତ୍ରିରେ ଶାନ୍ତିରେ ଶୟନ କରିପାରିନଥିଲେ । ସେତେବେଳେ ଆପଣ ଏହି ଅଭିଳାଷା ବ୍ୟକ୍ତ କରିଥିଲେ ଯେ, ଯଦି ମୋ ସାହାବାମାନଙ୍କ ମଧ୍ୟରୁ କେହିଜଣେ ମୋର ପ୍ରହରା ଦିଅନ୍ତି ତେବେ ମୁଁ ନିଶ୍ଚିନ୍ତ ହୋଇ ଟିକେ ଶୋଇପଡ଼ନ୍ତି । ହଜ୍‌ରତ୍ ଆଇଶା କୁହନ୍ତି ଏତିକିବେଳେ ଆମେ କିଛି ସ୍ୱର ଶୁଣିଲୁ ହଜୁର ସ:ଆ:ସ କହିଲେ କିଏ ? ସମ୍ମୁଖରୁ ଉତର ମିଳିଲା ଯେ, ମୁଁ ସାଆଦ୍ ବନ୍ ଅବି ୱକାସ୍ ହଜୁର ପୂନଶ୍ଚ ପଚାରିଲେ କେଉଁଥିପାଇଁ ଆସିଛ । ସେ କହିଲେ ହଜୁର ମୋ ମନରେ ଆପଣଙ୍କ ପ୍ରତି ଭୟ ଉତ୍ପନ୍ନ ହେବାରୁ ମୁଁ ଆପଣଙ୍କ ପ୍ରହରା ଦେବାପାଇଁ ଉପସ୍ଥିତ ହୋଇଛି । ଏଥିରୁ ହଜୁର ସ:ଆ:ସ ତାଙ୍କୁ ଦୁଆ ଦେଲେ ଏବଂ ଶୋଇ ପଡ଼ିଲେ ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍........ ପୃ-୨୮୨-୨୮୩) (ସହି ମୁସ୍‌ଲିମ୍........ ହଦିସ୍ ୨୪୧୦)***

ବୁଖାରୀ ଓ ମୁସ୍‌ଲିମାରେ ଏହି ଘଟଣା ଦରଜ ରହିଛି କିନ୍ତୁ ସେଥିରେ ଦୁଆ ଥିବାର ଉଲ୍ଲେଖ ନାହିଁ କିନ୍ତୁ ଇମାମ୍ ତିର୍‌ମିଜ୍ ବର୍ଣ୍ଣନା କରନ୍ତି କି, ହଜ୍‌ରତ୍ ସାଆଦ୍‌ଙ୍କ ପୁତ୍ର କୈଶ୍ ବର୍ଣ୍ଣନା କରନ୍ତି, କି ମୋ ପିତା ସାଆଦ୍ କୁହନ୍ତି ହଜୁର ସ:ଆ:ସ ତାଙ୍କ ପାଇଁ ଦୁଆ କରିଥିଲେ କି ହେ ଅଲ୍ଲାଃ ! ସାଆଦ୍ ଯେତେବେଳେ ତୁମ ନିକଟରେ ଦୁଆ ପ୍ରାର୍ଥନା କରିବେ ତୁମେ ତାଙ୍କର ଦୁଆ ସ୍ୱୀକାର କରିନେବ ଏବଂ ଶ୍ରେଷ୍ଠ ଲୋକମାନଙ୍କ ମଧ୍ୟରେ ତାଙ୍କ ନାମ ଦରଜ କରିନିଅ । ହଜୁର ସ:ଆ:ସଙ୍କ ଏହି ଦୂଆ ର ପରିଣାମ ସ୍ୱରୁପ ହଜ୍‌ରତ୍ ସାଆଦ୍ ସ୍ୱୀକୃତିପ୍ରାପ୍ତ ଦୁଆର ଅଧିକାରି ହୋଇଥିଲେ ।

***(ଅଲ୍‌ଅସାବାଃ....... ଖଣ୍ଡ-୨, ପୃ-୩୨୪-୩୨୫.......... ବେରୁତ ୨୦୦୧)***

ଏକଦା ଜଣେ ଆପଣଙ୍କ ଉପରେ ମିଥ୍ୟାରୋପ କରିବାରୁ ଆପଣ ତା ବିରୋଧରେ ଦୁଆ ପ୍ରାର୍ଥନା କଲେ କି ହେ ପ୍ରଭୁ ଯଦି ସେ ମିଥ୍ୟାରୋପ କରୁଅଛି ତେବେ ତାହାର ଦୃଷ୍ଟିଶକ୍ତି ଛିନ୍ନ କରିନିଅ ଏବଂ ତାହାକୁ ଦୀର୍ଘାୟୁ ପ୍ରଦାନ କର ତଥା ବିଭ୍ରାଟ ଓ ବିଶୃଙ୍ଖଳାରେ ଜଡ଼ିତ ରଖ । ଉକ୍ତ ବ୍ୟକ୍ତି ସେହି ସମସ୍ତ କଥନର ଅଧିକାରି ହୋଇଥିଲା ।

***(ଯାମିଅଲ୍ ଉଲୁମ୍........ ଖଣ୍ଡ-୨, ପୃ-୩୫୦....... ବେରୁତ ୨୦୦୧)***

କୈସ୍ ବିନ୍ ଅବି ହାଜିମ୍ ବର୍ଣ୍ଣନା କରନ୍ତି, ଏକଦା ମୁଁ ମଦିନାର ବଜାର ମଧ୍ୟ ଦେଇ ଅତିକ୍ରମ କରୁଥିଲି, ଅହ୍‌ଜାରୁ ଜଏତ୍ ନାମକ ସ୍ଥାନରେ କଣ ଦେଖିଲି କି ଜଣେ ଲୋକଙ୍କୁ କିଛି ଲୋକ ଘେରି ରହିଛନ୍ତି । ସେ ବାହନ ଉପରେ ଆରୋହଣ କରିଛନ୍ତି ଏବଂ ଅଲୀ ର:ଅଙ୍କୁ ଗାଳିଗୁଲଜ କରୁଛନ୍ତି । ଏତିକିବେଳେ ସାଆଦ୍ ର:ଅ ସେଠାରେ ଆସି ପହଂଚିଲେ ଏବଂ ପଚାରିଲେ କଣ ହୋଇଛି ? ଲୋକ କହିଲେ ଏ ଲୋକଜଣକ ଅଲୀ ର:ଅଙ୍କୁ ଗାଳିମନ୍ଦ କରୁଛି । ସେ ଆଗକୁ ବଢ଼ିବାରୁ ଲୋକେ ତାଙ୍କ ପାଇଁ ବାଟ କାଢ଼ିଦେଲେ ଅତଏବ ସେ ଯାଇ ଉକ୍ତ ବ୍ୟକ୍ତି ନିକଟରେ ପହଂଚିଲେ ଏବଂ ପଚାରିଲେ ତୁମେ କାହିଁକି ହଜ୍‌ରତ୍ ଅଲୀ ର:ଅଙ୍କୁ ଗାଳି ଦେଉଛ । କଣ ସେ ସର୍ବପ୍ରଥମେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇନଥିଲେ, କଣ ସେ ପ୍ରଥମବ୍ୟକ୍ତି ନୁହନ୍ତି ଯିଏ ହଜୁର ସ:ଆ:ସଙ୍କ ସହିତ ନମାଜ ପାଠ କରିଥିଲେ ? କଣ ସେ ସମସ୍ତ ଲୋକମାନଙ୍କ ମଧ୍ୟରେ ସବୁଠାରୁ ବଳି ଧର୍ମନିଷ୍ଠ ନୁହନ୍ତି ? କଣ ସେ ସବୁଠାରୁ ବଡ଼ ବିଦ୍ୱାନ ନୁହନ୍ତି ? ଏହିପରି ସାଆଦ୍ କହିଚାଲିଲେ କି କଣ ହଜୁର ସ:ଆ:ସ ତାଙ୍କୁ ନିଜ କନ୍ୟା ଅର୍ପଣ କରି ନିଜ ଯାମାତର ସୌଭାଗ୍ୟ ପ୍ରଦାନ କରିନାହାନ୍ତି ? କଣ ସେ ହଜୁର ସ:ଆ:ସଙ୍କ ସାଥିରେ ଇସ୍‌ଲାମ୍‌ର ଧ୍ୱଜା ଉତଳନ କରି ଯୁଦ୍ଧରେ ହାଜର ହେଉନଥିଲେ ? ବର୍ଣ୍ଣନାକାରୀ କୁହନ୍ତି ତା'ପରେ ସାଆଦ୍ କିବ୍‌ଲା ଆଡ଼କୁ ମୁହଁ କରି ଦୁଆ କଲେ ହେ ପ୍ରଭୁ ତୁମ ପ୍ରୀୟଜନଙ୍କ ମଧ୍ୟରୁ ଏ ବ୍ୟକ୍ତି ପୂର୍ଣ୍ଣ ଜନସମାଗମ ମଧ୍ୟରେ ଗାଳିଗୁଲଜ କରୁଛି ତେଣୁ ଲୋକେ ଏଣେତେଣେ ବିଛୁରିତ ହେବା ପୂର୍ବରୁ ନିଜ ପରାକ୍ରମ ନିଦର୍ଶନ ଦେଖାଅ । ସେ କୁହନ୍ତି ବର୍ତମାନ ଆମ୍ଭେ ସେହି ସ୍ଥଳୁ ପରସ୍ପରଠାରୁ ଅଲଗା ହୋଇନଥିଲୁ ଯେ ଉକ୍ତ ବ୍ୟକ୍ତି ବିଶେଷର ବାହନ ତାହାକୁ ତଳେ କଚାଡ଼ି ଦେଲା ଏବଂ ନିଜ ଗୋଡ଼ ସାହାଯ୍ୟରେ ତାହା ମୁଣ୍ଡକୁ ପଥରରେ ମାରିଦେବାରୁ ସେ ସେହିକ୍ଷଣି ଇହଧାମ ତ୍ୟାଗ କରିନେଲା ।

***(ଅଲ୍‌ମୁସ୍‌ତଦ୍‌ରକ............ ରିୱାୟତ ନଂ ୬୧୨୧, ଖଣ୍ଡ-୩, ପୃ-୫୭୧-୫୭୨)***

ହଜ୍‌ରତ୍ ସାଆଦ୍ ବନ୍ ଅବି ୱକାସ୍ ଯେଭଳି ପ୍ରବାସକଲେ ମଦିନାରେ ହଜୁର ସ:ଆ:ସଙ୍କ ପ୍ରହରା ଦେଇ ସୁରକ୍ଷା ଦାୟିତ୍ୱ ସମ୍ପର୍ନ୍ନ କରିଥିଲେ । ଖନ୍ଦକ ଯୁଦ୍ଧର ଇତିହାସରେ ମଧ୍ୟ ଏହି ଐତିହାସିକ କଥା ଉଲ୍ଲେଖ ରହିଛି ଯେ, ଯାହାର ଚର୍ଚ୍ଚା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରନ୍ତି ହଜୁର ସ:ଆ:ସ ପ୍ରହରା ଦେଇ ଥକିପଡ଼ନ୍ତି ଯେପରି ବାକି ସାହାବାମାନେ ଥକି ପଡୁଥିଲେ ଏବଂ ପ୍ରବଳ ଶୀତ ଅର୍ଥାତ ପ୍ରଚଣ୍ଡ ଶୀତ ଯୋଗୁଁ ଆପଣ ସ୍ତମ୍ଭୀଭୁତ ହୋଇଯାଆନ୍ତି । ଯେତେବେଳେ କିଛି କ୍ଷଣ ପାଇଁ ଆପଣ ଆସି ମୋ ସହିତ କମ୍ବଳରେ ବିଶ୍ରାମ କରିନିଅନ୍ତି ଏବଂ ଶରୀର କିଛି ଉଷ୍ଣତାପ ଅନୁଭବ କରିବାମାତ୍ରେ ପୂର୍ନବାର ପ୍ରହରା ଦେବାପାଇଁ ଚାଲିଯାଆନ୍ତି । ଏହିପରି କ୍ରମାଗତ ଭାବରେ ଅନିଦ୍ରା ରହିବା ଯୋଗୁଁ ଏକଦା ଆପଣ ସ୍ତବ୍ଧ ହୋଇପଡ଼ିଲେ ଏବଂ ଆପଣ ଇଚ୍ଛା ପ୍ରକାଶ କଲେ ଯେ, ଯଦି କେହି ନୈଷ୍ଠିକ ଅନୁଚର ପ୍ରହରା ଦିଅନ୍ତି ତେବେ ମୁଁ ଟିକିଏ ଶୟନ କରିନିଅନ୍ତି । ଏତିକିବେଳେ ଆମେ କିଛି ସ୍ୱର ଶୁଣିଲୁ, ହଜୁର ସ:ଆ:ସ ପଚାରିଲେ କିଏ ? ଉତର ମିଳିଲା, ମୁଁ ସାଆଦ୍ ବନ୍ ଅବି ୱକାସ୍ ହଜୁର ସ:ଆ:ସ ପୁନଶ୍ଚ ପଚାରିଲେ କେଉଁଥିପାଇଁ ଆସିଛ ? ସେ କହିଲେ ହଜୁର ମୋ ମନରେ ଆପଣଙ୍କ ପ୍ରତି ଭୟ ଉତ୍ପନ୍ନ ହେବାରୁ ମୁଁ ଆପଣଙ୍କ ପ୍ରହରା ଦେବାପାଇଁ ଉପସ୍ଥିତ ହୋଇଛି । ହଜୁର କହିଲେ, ମତେ ଏହାର ଲୋଡ଼ା ନାହିଁ ମତେ ଏହାର ଆବଶ୍ୟକତା ନାହିଁ । ତୁମେ ଅମୁକ ସ୍ଥାନକୁ ଚାଲିଯାଅ ସେଠାରେ ଖନ୍ଦକର କୁଳ ଭାଙ୍ଗିଯାଇଛି । ସେଠାରେ ପ୍ରହରା ଦେଲେ ମୁସଲମାନମାନେ ସୁରକ୍ଷିତ ରହିବେ, ଅତଏବ୍ ହଜ୍‌ରତ ସାଆଦ୍ ସେଠାକୁ ଚାଲିଗଲେ ଏବଂ ହଜୁର ସ:ଆ:ସ କିଛିକ୍ଷଣ ପାଇଁ ଶୋଇପଡ଼ିଲେ ।

***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍ ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୨୦, ପୃ-୨୭୯)***

ହଜ୍‌ରତ୍ ସାଆଦ୍‌ଙ୍କର ଅତିରିକ୍ତ ବ୍ୟାଖ୍ୟା ଆସନ୍ତା ଖୁତ୍‌ବାରେ ଇନ୍‌ଶାଅଲ୍ଲାଃ ତାଲା ବର୍ଣ୍ଣନା କରିବି । ବର୍ତମାନ ଦୁଇତିନୋଟି ଯନାଜାଃର ଆଲୋଚନା କରିବି ।

ପ୍ରଥମ ଯନାଜାଃ ଶ୍ରୀମାନ ମାଷ୍ଟର ଅବ୍‌ଦୁଲ୍ ସମି ଖାନ୍ ସାହେବ କାଠଗଡ଼ିଙ୍କର ଅଟେ । ଯିଏ ଚଳିତା ମାସ ୬ ତାରିଖ ଦିନ ରବୁୱାରେ ଇହଧାମ ତ୍ୟାଗ କରିଥିଲେ । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* ସେ ୧୯୩୭ ମସିହାରେ କାଦିୟାନରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଅବ୍‌ଦୁର୍ ରହିମ୍ ସାହେବ୍ କାଠଗଡ଼ି ଯମାତ୍‌ର ପୁରାତନ ସେବକମାନଙ୍କ ମଧ୍ୟରୁ ଜଣେ ଥିଲେ । ଆପଣଙ୍କ ଦାଦା ଶ୍ରୀମାନ ଚୌଧୁରୀ ଅବ୍‌ଦୁଲ୍ ସଲାମ୍ ସାହେବ୍ କାଠଗଡ଼ି ୧୯୦୩ ମସିହାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ହସ୍ତରେ ବୟତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ମାଷ୍ଟର ସାହେବ ନିଜର ପ୍ରାଥମିକ ଶିକ୍ଷା କାଦିୟାନ୍‌ରେ ହାସଲ କରିଥିଲେ । ତା'ପରେ ଦେଶ ବିଭାଜନ ଯୋଗୁଁ ମାଟ୍ରିକ ରବୁୱାରେ କରିଥିଲେ । ସେ ନିଜ ପଛରେ ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ତାଙ୍କ ପତ୍ନୀଙ୍କ ବିୟୋଗ ତିନି ଚାରିବର୍ଷ ପୂର୍ବେ ହୋଇଥିଲା । ୧୯୬୦ ମସିହାରେ ସେ ବିଏସି କରିବାପରେ ହିଁ ତାଲିମୁଲ୍ ଇସ୍‌ଲାମ୍ ହାଇସ୍କୁଲ୍‌ରେ ଅସ୍ଥାୟୀରୂପେ ଶିକ୍ଷକତା ଆରମ୍ଭ କରିଦେଇଥିଲେ । ୧୯୬୨ ମସିହାରେ ବିଇଡ଼ି କରିବା ପରେ, ୧୯୬୯ ମସିହାରେ ପଞ୍ଜାବ ୟୁନିଭରସିଟି ଲାହୋର୍‌ରୁ ଏମ୍‌ଇଡ଼ି କରିଥିଲେ, ଯଦ୍ୱାରା ସେ ସିନିୟର ଟିଚର ଭାବରେ ତାଙ୍କର ପଦୋନ୍ନତି ହୋଇଥିଲା । ୧୯୭୨ ମସିହାରେ ତାଲିମୁଲ୍ ଇସ୍‌ଲାମ୍ ସ୍କୁଲ୍‌ରେ ହେଡ଼ମାଷ୍ଟର ପଦବୀରେ ନିଯୁକ୍ତ ହୋଇଥିଲେ । ୧୯୭୦ ମସିହାରେ ସରକାର ସେହି ସ୍କୁଲରୁ ତାଙ୍କର ବଦଳି କରିଦେଇଥିଲା ଏପରି ସେ ବିଭିନ୍ନ ସ୍କୁଲ୍‌ରେ ଜ୍ଞାନ ବିତରଣ କରିଥିଲେ । ୨୦୦୫ ମସିହାରୁ ୨୦୦୯ ମସିହା ପର୍ଯ୍ୟନ୍ତ ଜଇମ୍ ଅନ୍‌ସାରୁଲ୍ଲାଃ ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ । ୨୦୧୩ ରୁ ୨୦୧୬ ମସିହା ପର୍ଯ୍ୟନ୍ତ ସଦର ହଲ୍‌କା ଦାରୁଲ୍ ରହ୍‌ମତ୍ ସର୍କୀ ରବୁୱା ଭାବରେ ସେ ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେ ମୋର ମଧ୍ୟ ଶିକ୍ଷକ ଥିଲେ ଏବଂ ବେଶ୍ ସୁନ୍ଦରଭାବରେ ପିଲାମାନଙ୍କୁ ବୁଝାଇ ପାଠ ପଢ଼ାଉଥିଲେ । ସର୍ବଦା ତାଙ୍କ ମୁଖରୁ ନମ୍ରତା ଝରିପଡୁଥିଲା । ଅଲ୍ଲାଃ ତାଲା ତାଙ୍କ ସହ ସଦୟ ହୁଅନ୍ତୁ ଏବଂ କ୍ଷମାଆଚରଣ କରନ୍ତୁ । ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନତି କରନ୍ତୁ । ତାଙ୍କ ସନ୍ତାନସନ୍ତତିଙ୍କୁ ଯମାତ୍ ଓ ଖିଲାଫତ ସହିତ ଯୋଡ଼ି ରଖନ୍ତୁ ।

ଦ୍ୱିତୀୟ ଯନାଜାଃ ଶ୍ରୀମାନ୍ ସୟଦ ମୁଜିବୁଲ୍ଲାଃ ସାହେବ୍ ସାଦିକଙ୍କର ଅଟେ । ଯେ ଚଳିତ ବର୍ଷ ମେ ମାସ ୨୮ ତାରିଖ ଦିନ ଦୀର୍ଘ ୮୩ ବର୍ଷ ବୟସରେ ଇହଧାମ ତ୍ୟାଗ କଲେ । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* । ଆପଣ ଶ୍ରୀମାନ ସୟଦ୍ ସାଦିକଲି ସାହେବ ଓ ସୟଦା ସଲ୍‌ମା ବେଗମ୍ ସାହିବା କନ୍ୟା ସୟଦା ମେହବୁବ୍ ଆଲମ୍ ସାହେବ ବିହାରିଙ୍କର ପୁତ୍ର ଥିଲେ । କାଦିୟାନ୍‌ର ପବିତ୍ର ବସ୍ତିରେ ଆପଣ ଜନ୍ମଗ୍ରହଣ କରିଥିଲେ ଏବଂ ସେହି ପବିତ୍ର ବାତାବରଣରେ ବିକଶିତ ହୋଇଥିଲେ । ଆପଣଙ୍କ ପିତା ପ୍ରଥମ ଖଲିଫାଙ୍କ ହସ୍ତରେ ବୟତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଆପଣଙ୍କ ନାନା ଦେଶ ବିଭାଜନ ସମୟରେ ଜଣେ ବିଦ୍ରୋହିଙ୍କ ଗୋଳି ବାଜିବା ଫଳରେ ତାଙ୍କର ନିଧନ ହୋଇଥିଲା ଓ ୧୯ ଡ଼ିସେମ୍ବର ୧୯୪୭ ମସିହାରେ ସେ ସହିଦ ହେବାର ସୌଭାଗ୍ୟ ଅଜର୍ନ କରିଥିଲେ । ଆପଣଙ୍କ ନନାଙ୍କ ଭ୍ରାତା ସଦର ଅଞ୍ଜୁମନର ଅଡ଼ିଟର ଥିଲେ, ସେ ବିହାରରୁ ପଦଯାତ୍ରା କରି କାଦିୟାନରେ ପହଂଚି ବୟତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଆପଣ ଏଠାରେ ୟୁକେରେ ଅର୍ସ ଫିଲ୍ଡରେ ସଦର ଯମାତ୍ ଭାବରେ ସେବା ସମ୍ପାଦନ କରିବାର ସୌଭାଗ୍ୟ ଲାଭ କରିଥିଲେ ଏବଂ ବେଶ୍ ପରିଶ୍ରମ ସହ ନିଜ କର୍ତବ୍ୟ ସମ୍ପାଦନ କରୁଥିଲେ । ଚେହେରାରେ ନମ୍ରତା ଓ ସ୍ୱଭାବରେ ମଜାଳିଆ ବ୍ୟବହାର ରହିଥିଲା । ବେଶ୍ ମନଯୋଗର ସହିତ ନିଜ କାର୍ଯ୍ୟ ସମ୍ପାଦନ କରୁଥିଲେ ଏବଂ ଅନ୍ୟମାନଙ୍କ ଉପରେ ବୋଝ ଲଦୁନଥିଲେ ବରଂ ସର୍ବଦା ଚେଷ୍ଟା କରୁଥିଲେ ଯେ ଅନ୍ୟର ମଧ୍ୟ ଅଧିକରୁ ଅଧିକ କାର୍ଯ୍ୟ ସ୍ୱୟମଂ ସମ୍ପାଦନ କରିଦେବେ । ତାଙ୍କ ବିବାହ ଶ୍ରୀମତି ଆଇଶା ସାଦ୍ଦିକ୍ ସାହିବା କନ୍ୟା ବାବୁ ମୁହମ୍ମଦ ଆଲ୍‌ମ ସାହେବ୍ ରିଟାର୍ୟଡ଼ ଷ୍ଟେସନ ମାଷ୍ଟରଙ୍କ ସହିତ ୧୯୬୮ ମସିହାରେ ରବୁୱାରେ ହୋଇଥିଲା । ତାଙ୍କ ପତ୍ନୀ ମଧ୍ୟ ଲଜ୍‌ନା ଇମାଉଲ୍ଲାର ବିଭିନ୍ନ ବିଭାଗରେ ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ତାଙ୍କର ଦୁଇଜଣ ପୁତ୍ର ଓ ଦୁଇଜଣ କନ୍ୟା ସନ୍ତାନ ଅଛନ୍ତି । ଡ଼ାକ୍ତର କଲିମୁଲା ସାହେବ୍ ସାଦ୍ଦିକ୍ ଏମ୍‌ଟିଏରେ ଅନେକ ସ୍ୱେଚ୍ଛାସେବା ମୁଳକ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ପ୍ରଭୁଙ୍କ କୃପାରୁ କ୍ରମାଗତ ଭାବରେ ସେ ତହ୍‌ଜୁଦ୍ ପାଠ କରୁଥିଲେ । ସେ ଉମ୍‌ରା କରିବାକୁ ମଧ୍ୟ ଯାଇଥିଲେ । ତାଙ୍କ ଆଣ୍ଠୁରେ ଅତିଶୟ ଯନ୍ତ୍ରଣା ଥିଲା । ତାଙ୍କ ସହଧର୍ମୀଣି କୁହନ୍ତି ତାଙ୍କ ହ୍ୱିଲ୍‌ଚେୟାରର ମଧ୍ୟ ବ୍ୟବସ୍ଥା କରାଯାଇଥିଲା, ଏହା ସତ୍ତ୍ୱେ ସେ କହିଲେ ମୁଁ ଉମ୍‌ରାର ପୂଣ୍ୟ ନିଜ ପାଦରେ ଚାଲି ଅର୍ଜନ କରିବାକୁ ଚାହେଁ । ଏପରି ନିଜ ଚାନ୍ଦାର ମଧ୍ୟ ତାଙ୍କୁ ଘୋର ଚିନ୍ତା ରହୁଥିଲା, ତାଙ୍କ ପିଲାମାନେ ଓ ଅନ୍ୟମାନେ ମଧ୍ୟ ତାଙ୍କର ଅନେକ ସୁଗୁଣ ଲେଖି ପଠାଇଛନ୍ତି । ତାଙ୍କ ପିଲାମାନେ ଯେଭଳି ଭାବରେ ଯମାତ୍ ସହ ଯୋଡ଼ି ରହିଛନ୍ତି ତାହା ପ୍ରକାଶ କରୁଅଛି ଯେ, ସେ ନିଜ ପିଲାମାନଙ୍କ ହୃଦୟରେ ଯମାତ୍ ଓ ଖଲିଫାଙ୍କ ପ୍ରତି ପ୍ରେମ ଭରି ଦେଇଛନ୍ତି ଏବଂ ବେଶ୍ ଉତମ ରୂପେ ତାଙ୍କର ତର୍‌ବିୟତ କରିଛନ୍ତି । ପ୍ରଶିକ୍ଷଣ କରିଛନ୍ତି । କିନ୍ତୁ ଯେପରି ହଜୁର ସ:ଆ:ସ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ହଜ୍‌ରତ୍ ସାଆଦ୍ ର:ଅଙ୍କୁ ଓହଦ୍ ଯୁଦ୍ଧ ଅବସରରେ କହିଥିଲେ ଯେ ମୋ ମାଆ ବାପା ତୁମ ଉପରେ ଉତ୍ସର୍ଗ ହୁଅନ୍ତୁ, ତୁମେ ତୀର ଚଳାଇ ଚାଲ । ହେ ଶକ୍ତିଶାଳୀ ନବ ଯୁବକ ! ତୀର ମାରିଚାଲ ।

ପ୍ରାରମ୍ଭିକ ଇସ୍‌ଲାମ୍‌ର ବିଶ୍ୱାସ ଆଣିଥିବା, ମକ୍କାଠାରେ ଦୁଃଖ କଷ୍ଟ ସହ୍ୟ କରିଥିବା, ନବୀ କରିମ୍‌ଙ୍କ ପହରା ଦେବାର ସୌଭାଗ୍ୟ ପ୍ରାପ୍ତକାରୀ, ଇସ୍‌ଲାମ୍ ଓ ଖିଲାଫତ୍ ସହିତ ନିଷ୍ଠା ରଖିଥିବା ବ୍ୟକ୍ତି, ଯାହାଙ୍କ ପ୍ରାର୍ଥନା ଗୃହୀତ ହୋଇଥିଲା, ଫାରସୁଲ୍ ଇସ୍‌ଲାମ୍, ଇରାକ୍‌ର ବିଜେତା ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ବଦ୍‌ରି ସାହାବି ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ୍ ର:ଅଙ୍କ ଗୁଣ ଗାରିମାର ଚର୍ଚ୍ଚା ।

ପାଂଚଜଣ ମର୍‌ହୁମୀନ୍ (ମୃତକ) ମୋକରମାଃ ବୁଶ୍‌ରା ଅକ୍‌ରମ୍ ସାହିବା ପତ୍ନୀ ମୁହମ୍ମଦ ଅକ୍‌ରମ୍ ବାଜ୍‌ୱା ସାହେବ୍ (ନାଜିର୍ ତାଲିମୁଲ୍ କୁର୍‌ଆନ୍ ୱ ୱକ୍‌ଫେ ଆର୍‌ଜି ରବ୍‌ୱା), ମୋକରମ୍ ଇକ୍‌ବାଲ୍ ଅ୍ମଦ୍ ନାସିର୍ ପୀର୍‌କୋଟି ସାହେବ୍, ମୋକରମାଃ ଗୁଲାମ୍ ଫାତିମା ଫହ୍‌ମିଦାଃ ସାହିବା ପତ୍ନୀ ମୁହମ୍ମଦ୍ ଇବ୍‌ରାହିମ୍ ସାହେବ୍ ଅଫ୍ ଦୋଲିୟାହ୍ ଜଟାଂ ଜିଲ୍ଲା କୋଟ୍‌ଲି କାଶ୍ମୀର, ମୋକରମ୍ ମୁହମ୍ମଦ୍ ଅହ୍‌ମଦ୍ ଅନ୍‌ୱର୍ ସାହେବ୍ ହାଇଦ୍ରାବାଦୀ ଏବଂ ମୋକରମ୍ ସଲିମ୍ ହସନ୍ ଅଲ୍‌ଜାବି ସାହେବ୍ ଅଫ୍ ସିରିଆଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୨୪ ଜୁଲାଇ ୨୦୨୦ ଅନୁଯାୟୀ ୨୪ ୱଫା ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّآ اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଗତ ଖୁତ୍‌ବାରେ ହଜ୍‌ରତ୍ ସାଆଦ୍‌ଙ୍କର ଚର୍ଚ୍ଚା ଚାଲିଥିଲା । ସେ ହଜୁର ସ:ଆ:ସଙ୍କ ସହିତ ବଦର, ଓ୍ୱହଦ୍, ଖନ୍ଦକ, ହୁଦ୍‌ବିୟା, ଖୈବର୍ ଓ ମକ୍କା ବିଜୟ ସମେତ ସମସ୍ତ ଯୁଦ୍ଧରେ ସାମିଲ ଥିଲେ । ହଜୁର ସ:ଆ:ସଙ୍କର ବିଶିଷ୍ଟ ଧନୁର୍ଦ୍ଧର ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । *(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୦୫........... ଲେବ୍‌ନାନ୍ ୧୯୯୦)*

ତାଙ୍କ ସମ୍ବନ୍ଧରେ ଗୋଟିଏ ରିୱାୟତ ଏପରି ଦରଜ ରହିଛି କି, ହଜୁର ସ:ଆ:ସ ଯେଉଁ ସବୁ ଯୁଦ୍ଧ ଲଢ଼ିଥିଲେ ସେଗୁଡ଼ିକ ମଧ୍ୟରୁ ଗୋଟିଏ ସମୟରେ ହଜୁର ସ:ଆ:ସଙ୍କ ସାଥିରେ ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ସାଆଦ୍ ର:ଅଙ୍କ ବ୍ୟତିତ ଅନ୍ୟ କେହି ନଥିଲେ ।

*(ସହି ମୁସ୍‌ଲିମ୍....... ହଦିସ୍-୨୪୧୫)*

ହଜ୍‌ରତ୍ ସାଆଦ୍ ହଜୁର ସ:ଆ:ସଙ୍କ ସାଥିରେ ଯୁଦ୍ଧ ଅଭିମୁଖେ ବାହାରିବା ପ୍ରସଙ୍ଗରେ ବର୍ଣ୍ଣନା କରିଛନ୍ତି ଯେ, ଆମେ ହଜୁର ସ:ଆ:ସଙ୍କ ସାଥିରେ ଯୁଦ୍ଧ କରିବାପାଇଁ ବାହାରିଲୁ ଏବଂ ଆମର ଅବସ୍ଥା ଏଭଳି ଥିଲା କି ଖାଇବା ପାଇଁ ଆମମାନଙ୍କ ନିକଟରେ ବୃକ୍ଷପତ୍ର ବ୍ୟତିତ ଅନ୍ୟ କୌଣସି ଖାଦ୍ୟ ସାମଗ୍ରୀ ନଥିଲା । ସେହି ପତ୍ରଗୁଡ଼ିକୁ ଖାଇବା ଯୋଗୁଁ ଆମେ ଓଟ ଏବଂ ଛେଳିମାନଙ୍କ ପରି ଲଣ୍ଡି ମଳତ୍ୟାଗ କରୁଥିଲୁ ।

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ସାଆଦ୍ କୁହନ୍ତି ସେ, ଦିନମାନଙ୍କରେ ଆମମାନଙ୍କ ଭୋଜନ ବବୁଲ୍ ଗଛ ଯାହାକି ଏକ କଂଟକଯୁକ୍ତ ବୃକ୍ଷ ଅଟେ ତାହାର ଫଳ ଥିଲା ।

*(ସହି ବୁଖାରୀ..... ହଦିସ୍ ନଂ-୩୭୨୮) (ଯାମେ ତିର୍‌ମିଜି..... ହଦିସ୍- ୨୩୬୬)*

ହଜ୍‌ରତ୍ ସାଆଦ୍ ପ୍ରଥମ ବ୍ୟକ୍ତି ଥିଲେ ଯିଏ ପ୍ରଭୁଙ୍କ ମାର୍ଗରେ ତାହାର ରକ୍ତ ବୁହାଇଥିଲେ । ସେ ପ୍ରଭୁଙ୍କ ମାର୍ଗରେ ତୀର ନିକ୍ଷେପ କରିଥିଲେ ଏବଂ ତାହାର ବିସ୍ତାର ବ୍ୟାଖ୍ୟା ସିରତ୍ ଖାତ୍‌ମୁନ୍ ନବିୟିନ୍‌ରେ ଏପରି ରହିଛି କି ରବିଉଲ୍ ଅୱ୍ୱଲ୍ ମାସ ଦୁଇ ହିଜରୀରେ ଗୋଟିଏ ସରିୟା ହେଲା ଉକ୍ତ ଘଟଣା ଚର୍ଚ୍ଚା କରି ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ଉଲ୍ଲେଖ କରିଛନ୍ତି ଯାହାର କିଛି ଅଂଶ ମୁଁ ଆଗରୁ ଚର୍ଚ୍ଚା କରିସାରିଛି ବରଂ ମୋର ମନେ ହେଉଛି କି ସମ୍ପୁର୍ଣ୍ଣ ଘଟଣାଟି ଆଲୋଚନା ହୋଇସାରିଛି ସେ ଯାହା ହେଉ ଏଠାରେ ମଧ୍ୟ ତାଙ୍କ ସନ୍ଦର୍ଭରେ ବର୍ଣ୍ଣନା କରିଦେଉଛି ।

ରବିଉଲ ଅୱ୍ୱଲ୍ ମାସର ପ୍ରାରମ୍ଭରେ ହଜୁର ସ:ଆ:ସଙ୍କ ନିର୍ଦ୍ଦେଶକ୍ରମେ ନିଜର ଜଣେ ନିକଟ ସମ୍ପର୍କୀୟ ଅବିଦା ବିନ୍ ହାରିସ୍ ମତ୍‌ଲବିଙ୍କ ଅଧ୍ୟକ୍ଷତାରେ ୬୦ ରୁ ୭୦ ଜଣ ଓଟ ଚଳାଳିଙ୍କର ଏକ ମୁହାଜିର୍ ଦଳ ପ୍ରେରଣ କରାଯାଇଥିଲା । ଏହି ଦଳ ପ୍ରେରଣ କରିବାର ଉଦ୍ଦେଶ୍ୟ କୁରୈଶ୍‌ର ଆକ୍ରମଣକୁ ପ୍ରତିରୋଧ କରିବା ଥିଲା । ସୁତରାଂ ଯେତେବେଳେ ଉକ୍ତ ଦଳ କିଛି ବାଟ ଅତିକ୍ରମ କରି ସନିୟାତୁଲ୍ ମରା ଯାହାକି ମକ୍କା ଓ ମଦିନା ମଧ୍ୟସ୍ଥ ଏକ ସ୍ଥାନ ଅଟେ । ହିଜ୍‌ରତ୍ କରିବା ସମୟରେ ହଜୁର ସ:ଆ:ସ ଏହି ମାର୍ଗ ଦେଇ ଅତିକ୍ରମ କରିଥିଲେ । ସେ ଯାହା ହେଉ ସେଠାରେ ପହଂଚି ସେମାନେ ଦେଖିବାକୁ ପାଇଲେ ଯେ, କୁରୈଶ୍‌ର ଦୁଇଜଣ ଅସ୍ତ୍ର ଧାରି ଅକ୍‌ରମା ବିନ୍ ଅବୁ ଜହଲ୍‌ଙ୍କ ନେତୃତ୍ୱରେ ସିବିର ପ୍ରସ୍ତୁତ କରି ବସିରହିଛନ୍ତି । ଦୁଇ ଦଳ ପରସ୍ପରର ମୁହାଁମୁହିଁ ହୋଇଗଲେ ଏବଂ ସେମାନେ ପରସ୍ପରକୁ କିଛି ତୀର ମଧ୍ୟ ନିକ୍ଷେପ କଲେ କିନ୍ତୁ ଅମାନ୍ୟକାରୀଙ୍କ ଦଳ ମୁସଲମାନଙ୍କଠାରୁ ଭୟଭୀତ ହୋଇକି ସେମାନଙ୍କ ପଛରେ ଆଉ କିଛି ମୁସଲମାନ ଆକ୍ରମଣ କରିବାକୁ ଲୁଚି ରହିନାହାନ୍ତି ପଶ୍ଚାତପଦ ଦେଲେ ଏବଂ ମୁସଲମାନମାନେ ମଧ୍ୟ ସେମାନଙ୍କ ପଛରେ ଗଲେନାହିଁ କିନ୍ତୁ ସେମାନଙ୍କ ମଧ୍ୟରୁ ଦୁଇଜଣ ସୈନ୍ୟ ହଜ୍‌ରତ୍ ମିକ୍‌ଦାଦ୍ ବିନ୍ ଉମ୍‌ରୋ ଓ ହଜ୍‌ରତ୍ ଉତ୍‌ବା ବିନ୍ ଗଜୱାନ୍ ସ୍ୱଇଚ୍ଛାରେ ଆସି ମୁସଲମାନମାନଙ୍କ ସହିତ ମିଳିତ ହୋଇଗଲେ । ଲେଖା ଅଛି ଯେ ସେମାନେ ଏହି ଉଦ୍ଦେଶ୍ୟରେ ହିଁ କୁରୈଶ୍‌ଙ୍କ ସାଥିରେ ବାହାରିଥିଲେ ସୁଯୋଗ ମିଳିଲେ ଅମାନ୍ୟକାରୀଙ୍କଠାରୁ ଅଲଗା ହୋଇଯାଇ ମୁସଲମାନମାନଙ୍କ ସହିତ ମିଳିତ ହୋଇଯିବୁ କାରଣ ସେମାନେ ଅନ୍ତରରୁ ମୁସଲମାନ ହୋଇସାରିଥିଲେ କିନ୍ତୁ ନିଜ ଦୁର୍ବଳତା ଯୋଗୁଁ କୁରୈଶ୍‌ଙ୍କ ଭୟରେ ସାହାସ ଜୁଟାଇ ପାରୁନଥିଲେ । *ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୨, ପୃ-୯୯-୧୦୦..... ବେରୁତ) (ସିରତ ଖାତ୍‌ମୁନ୍ ନବିୟିନ୍........ ପୃ-୩୨୮)*

ଯମାଦି ଅୱ୍ୱଲ୍ ମାସ ଦୁଇ ହିଜରୀରେ ହଜୁର ସ:ଆ:ସ ସାଆଦ୍ ବିନ୍ ଅବୁ ୱକାସ୍‌ଙ୍କୁ ଆଠଜଣ ମୁହାଜିରଙ୍କ ଏକ ଦଳର ଅଧ୍ୟକ୍ଷ କରି କୁରୈଶ୍‌ର ଖବର ଆଣିବାପାଇଁ ଗୁପ୍ତଚରଭାବରେ ଖରାର୍ ସ୍ଥାନଆଡ଼କୁ ପ୍ରେରଣ କରିଥିଲେ । ଖରାର୍ ମଧ୍ୟ ହଜାଜ୍‌ରେ ଯୋହ୍‌ଫା ନିକଟସ୍ଥ ଏକ ଅଂଚଳ ଅଟେ । ଅତଏବ ସେମାନେ ସେଠାକୁ ଗଲେ କିନ୍ତୁ ସେମାନେ ସେଠାରେ ଶତ୍ରୁଙ୍କୁ ପାଇଲେ ନାହିଁ । *(ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୨, ପୃ-୪୦୦..... ବେରୁତ) (ସିରତ ଖାତ୍‌ମୁନ୍ ନବିୟିନ୍........ ପୃ-୩୨୯-୩୩୦)*

ଏଥିଅନ୍ତେ ହଜ୍‌ରତ୍ ଅବୁଦ୍ଦୁଲ୍ଲାଃ ବିନ୍ ଜହସ୍‌ଙ୍କର ଚର୍ଚ୍ଚା ରହିଛି ଏହି ସରିୟାରେ ହଜ୍‌ରତ୍ ସାଆଦ୍ ମଧ୍ୟ ସାମିଲ ଥିଲେ ତାହାର ଚର୍ଚ୍ଚା ମଧ୍ୟ ପୂର୍ବରୁ ହୋଇସାରିଛି କିନ୍ତୁ ସିରତ୍ ଖାତ୍‌ମୁନ୍ ନବିଇନ୍ ପୁସ୍ତକରୁ ଏହାର ସଂକ୍ଷିପ୍ତ ଚର୍ଚ୍ଚା କରିଦେଉଛି । ହଜୁର ସ:ଆ:ସ ଇଚ୍ଛା ପ୍ରକାଶ କଲେ ଯେ, କୁରୈଶ୍‌ର ହର୍‌କତ୍‌ର ଖବର ଖୁବ୍ ନିକଟରୁ ଆମମାନଙ୍କୁ ଜ୍ଞାତ ହେଉ ଏବଂ ସମସ୍ତ ପ୍ରକାର ଜରୁରୀ ଖବର ସମୟ ପୂର୍ବରୁ ପ୍ରାପ୍ତ ହୋଇଯାଉ । ଯଦ୍ୱାରା ମଦିନା ସମସ୍ତ ପ୍ରକାର ଆପଦ ଓ ହଠାତ୍ ଆକ୍ରମଣରୁ ନିରାପଦ ହୋଇଯିବ । ବସ୍ତୁତଃ ହଜୁର ସ:ଆ:ସ ଆଠ ଜଣ ମୁହାଜିରଙ୍କୁ ଯିଏକି କୁରୈଶ୍‌ର ପ୍ରତ୍ୟେକ ଗୋଷ୍ଠୀ ମଧ୍ୟରୁ ଜଣେ ଜଣେ ଥିଲେ ଚୟନ କଲେ ଯଦ୍ୱାରା କୁରୈଶ୍‌ର ଗୁପ୍ତ ଉଦ୍ଦେଶ୍ୟ ସମ୍ବନ୍ଧରେ ଅବଗତ ହେବା ସହଜ ହେବ । ହଜୁର ସ:ଆ:ସ ଉକ୍ତ ଦଳକୁ ନିଜ ପିଉସି ପୁଅ ଭାଇ ହଜ୍‌ରତ୍ ଅବ୍‌ଦୁଲ୍ଲା ବିନ୍ ଜହସ୍‌ଙ୍କ ନେତୃତ୍ୱରେ ପ୍ରେରଣ କରିଦେଲେ ଏବଂ ସେମାନଙ୍କୁ ଅବା ତାଙ୍କ ଅଧ୍ୟକ୍ଷକୁ ମଧ୍ୟ ସୁଚିତ କଲେ ନାହିଁ ଯେ, ତୁମମାନଙ୍କୁ କୁଆଡ଼େ ଯିବାର ଅଛି ଏବଂ କେଉଁ ଉଦ୍ଦେଶ୍ୟରେ ତୁମେମାନେ ବାହାରିଛ ବରଂ ବିଦାୟ ଦେବାବେଳେ ଏକ ମୁଖବନ୍ଦ ପତ୍ର ପ୍ରଦାନ କରି କହିଲେ ଯେତେବେଳେ ତୁମେ ମଦିନାଠାରୁ ଦୁଇ ଦିନର ଯାତ୍ରା ଅତିକ୍ରମ କରିନେବ ସେତେବେଳେ ଏହି ପତ୍ରକୁ ଖୋଲି ସେଥିରେ ଦିଆଯାଇଥିବା ନିର୍ଦ୍ଦେଶର ପାଳନ କରିବ, ସେମାନେ ମଧ୍ୟ ସେହିପରି ହିଁ କଲେ । ଦୁଇଦିନ ପରେ ଯେତେବେଳେ ସେମାନେ ପତ୍ର ଖୋଲିଲେ ସେଥିରେ ଲେଖା ଥିଲା ଯେ ମକ୍କା ଓ ତାଇଫ୍ ମଧ୍ୟବର୍ତୀ ନଖ୍‌ଲା ଉପତ୍ୟାକାରେ ପହଂଚିବ ଏବଂ ସେଠାରେ କୁରୈଶ୍‌ର ଗତିବିଧି ଲକ୍ଷକରି ଆମକୁ ସୁଚିତ କରିବ । ସେଥିରେ ଏହା ମଧ୍ୟ ଉଲ୍ଲେଖ ଥିଲା ଯେ ଏହି ମିଶନ୍ ସମ୍ବନ୍ଧରେ ଅବଗତ ହେବାପରେ ଯଦି ତୁମମାନଙ୍କ ମଧ୍ୟରୁ କେହି ପ୍ରତ୍ୟାବର୍ତନ କରିବାକୁ ଇଚ୍ଛା ପ୍ରକାଶ କରେ ଅର୍ଥାତ ଫେରିବାକୁ ଇଚ୍ଛା

ପ୍ରକାଶ କରେ ତେବେ ତାହାକୁ ଅନୁମତି ଦେଇଦେବ । ଅବ୍‌ଦୁଲ୍ଲା ନିଜ ସାଥିମାନଙ୍କୁ ସେହି ସମ୍ବନ୍ଧରେ ଅବଗତ କରିଦେଲେ କିନ୍ତୁ ସମସ୍ତେ ଏକମତ ହୋଇ କହିଲେ ଆମେ ସ୍ୱଇଚ୍ଛାରେ ଏହି ସେବାସମ୍ପାଦନ କରିବାପାଇଁ ଉପସ୍ଥିତ ଅଛୁ ଏବଂ ଏଠାରୁ କେହି ହେଲେ ଫେରି ଯିବୁନାହୁଁ । ଏହାପରେ ସେ ସଭିଏଁ ନଖ୍‌ଲା ଆଡ଼କୁ ବାହାରିପଡ଼ିଲେ କିନ୍ତୁ ରାସ୍ତାରେ ହିଁ ସାଆଦ୍ ଓ ଉତ୍‌ବା ବିନ୍ ଗଜ୍‌ୱାନ୍‌ଙ୍କର ଓଟ ହଜିଗଲା ଏବଂ ତାହାକୁ ଖୋଜିବାରେ ସେମାନେ ନିଜ ସାଥିମାନଙ୍କଠାରୁ ବିଚ୍ଛିନ୍ନ ହୋଇଗଲେ ବହୁତ ଖୋଜାଖୋଜି କଲେ ତଥାପି ନିଜ ନିଜର ଓଟ ସେମାନେ ପାଇଲେ ନାହିଁ । ବର୍ତ୍ତମାନ ଉକ୍ତ ଦଳରେ ମାତ୍ର ଛଅ ଜଣ ସାହାବା ରହିଯାଇଥିଲେ ସେମାନେ ଆଗକୁ ଅଗ୍ରସର ହେଲେ ଏହି ପରିପ୍ରେକ୍ଷୀରେ ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ଜଣେ ପାଶ୍ଚାତ୍ୟ ଦାର୍ଶନିକ ମିଷ୍ଟର ମାର୍ଗୋଲିସ୍‌ଙ୍କ ଚର୍ଚ୍ଚା କରି କୁହନ୍ତି ସେ ନିଜ ସନ୍ଦେହପୂର୍ଣ୍ଣ ବର୍ଣ୍ଣନାରେ ଉଲ୍ଲେଖ କରିଛନ୍ତି,

ସାଆଦ୍ ବିନ୍ ଅବି ୱକାସ୍ ଓ ଉତ୍‌ବା ବିନ୍ ଗଜ୍‌ୱାନ୍ ଜାଣିଶୁଣି ନିଜ ଓଟ ହଜାଇ ଦେଇଥିଲେ ଯଦ୍ୱାରା କି ସେମାନେ ପଛରେ ରହିଯିବେ, ଯେତେବେଳେ କି ସେ ଉସ୍ୱାହି ମାନଙ୍କର ଜୀବନର ଗୋଟିଏ ଗୋଟିଏ ଘଟଣା ତାଙ୍କ ବିରତ୍ୱ ଓ ଉତ୍ସର୍ଗପୂର୍ଣ୍ଣ ଗାଥାର ଜ୍ୱଳନ୍ତ ପ୍ରମାଣ ଅଟେ । ସେଥିମଧ୍ୟରୁ ବେରେ ମାଉନା ଘଟଣାରେ ଅମାନ୍ୟକାରୀଙ୍କ ହାତରେ ଶହୀଦ ହେବା ତଥା ଅନ୍ୟ ଭୟଙ୍କର ଯୁଦ୍ଧରେ ଦୃଢ଼ତାର ସହ ଦଣ୍ଡାୟମାନ ରହିବା ଯାହା ଫଳରେ ଶେଷରେ ଇରାକ୍ ବିଜୟ ମୁକୁଟ ସେମାନଙ୍କ ମସ୍ତକରେ ସୋଭା ପାଇଥିଲା ଅର୍ଥାତ ସାଆଦ୍ ବିନ୍ ଅବି ୱକାସ୍‌ଙ୍କ ଦ୍ୱାରା ଇରାକ୍ ବିଜୟ ଲାଭ କରିଥିଲା ତାଙ୍କ ନେତୃତ୍ୱରେ ଇରାକ୍ ମୁସଲମାନମାନଙ୍କ ହାତମୁଠାକୁ ଆସିଥିଲା । ସେମାନଙ୍କ ସମ୍ପର୍କରେ ଏଭଳି ସନ୍ଦେହ କରିବା ଏହା କେବଳ ମାର୍ଗୋଲିସ୍‌ର ମନଗଢ଼ା କଥନ ବ୍ୟତିତ ଅନ୍ୟ କିଛି ନୁହେଁ । ପୁନଶ୍ଚ ସେ ନିଜ ପୁସ୍ତକରେ ଏହି ଦାବି ମଧ୍ୟ କରିଛି ଯେ, ଏହା ସମସ୍ତ ପ୍ରକାର ଈର୍ଷା ପରାୟଣତାରୁ ପବିତ୍ର ହୋଇ ରଚନା କରାଯାଉଅଛି ।

ସେ ଯାହା ହେଉ ମୁସଲମାନମାନଙ୍କ ଏହି କ୍ଷୁଦ୍ର ଦଳ ନଖ୍‌ଲାରେ ପହଂଚି ନିଜ କର୍ତ୍ତବ୍ୟ ସମ୍ପାଦନ କରିବାରେ ନିୟୋଜିତ ହୋଇଗଲା ଏବଂ ନିଜକୁ ଅନ୍ୟମାନଙ୍କ ସନ୍ଦେହ ଘେରରେ ନ ଆସିବାପାଇଁ ସେମାନେ ନିଜ କେଶ ସଫା କରିନେଲେ । ଯଦ୍ୱାରା ଯାତ୍ରୀ ଓ ପଥିକମାନଙ୍କୁ ମନେହେବ କି ଏମାନେ ଉମ୍‌ରା କରିବାକୁ ଆସିଛନ୍ତି କିନ୍ତୁ ସେମାନେ ସେଠାରେ ପହଂଚିବାକୁ ଅଧିକ ସମୟ ଅତିବାହିତ ହୋଇନଥିଲା କି ହଠାତ୍ କୁରୈଶ୍‌ର ଏକ କ୍ଷୁଦ୍ରଦଳ ସେଠାରେ ଆସି ପହଂଚିଗଲା ଯେ, ତାହିଫ୍‌ରୁ ମକ୍କା ଅଭିମୁଖେ ଯାଉଥିଲେ ଉଭୟ ଦଳ ପରସ୍ପରର ସାମ୍‌ନା ସାମ୍‌ନି ହୋଇଗଲେ ଏବଂ ପରିସ୍ଥିତି ଏଭଳି ଉତ୍ପନ୍ନ ହୋଇଗଲା ଯେ ଅନିଚ୍ଛା ସତ୍ତ୍ୱେ ଓ ହଜୁର ସ:ଆ:ସଙ୍କ ଆଦେଶ ନଥିବା ସତ୍ତ୍ୱେ ଶେଷରେ ମୁସଲମାନମାନେ ଏହି ନିଷ୍ପତି ନେଲେ କି ଆକ୍ରମଣ କରି ଅମାନ୍ୟକାରୀଙ୍କୁ କଏଦ୍ କରିନେବା କି ନଚେତ ନିହତ କରିଦେବା ଠିକ୍ ହେବ । ଅତଏବ ସେମାନେ ଅଲ୍ଲାଃଙ୍କ ନାମ ନେଇ ଆକ୍ରମଣ କରିଦେଲେ ଯଦ୍ୱାରା ଅମାନ୍ୟକାରୀଙ୍କ ଜଣେ ବ୍ୟକ୍ତିକୁ ନୀହତ କରିଦେଲେ ଏବଂ ଦୁଇଜଣ କଏଦ ହେଲେ କିନ୍ତୁ ଦୁର୍ଭାଗ୍ୟବସତଃ ଚତୁର୍ଥ ବ୍ୟକ୍ତି ସେମାନଙ୍କ ମଧ୍ୟରୁ ଖସି ପଳାଇବାରେ ସଫଳ ହେଲା ଏବଂ ମୁସଲମାନମାନେ ତାହାକୁ ଧରିପାରିଲେ ନାହିଁ ତେଣୁ ମାଲେ ଗନିମତ ନେଇ ସେଠାରୁ ଶିଘ୍ର ଶିଘ୍ର ମଦିନା ଫେରିବାଟା ସେମାନେ ଉତମ ମଣିଲେ । ହଜୁର ସ:ଆ:ସଙ୍କୁ ଯେତେବେଳେ ସେହି ସମସ୍ତ ଘଟଣାର ଜ୍ଞାତ ହେଲା କି ସାହାବା ଅମାନ୍ୟକାରୀଙ୍କ ଉପରେ ଆକ୍ରମଣ କରିଥିଲେ, ସେତେବେଳେ ଆପଣ ଭୀଷଣ ବିରକ୍ତିଭାବ ପ୍ରକାଶ କରିଥିଲେ ଏବଂ କହିଲେ **ମା ଅମରତୁକୁମ୍ ବିକିତାଲିନ୍ ଫିସ୍ ଶହ୍‌ରିଲ୍ ହରାମି** ଅର୍ଥାତ ମୁଁ ତୁମମାନଙ୍କୁ ପବିତ୍ର ସହରରେ ଯୁଦ୍ଧ କରିବାକୁ କଦାପି ଅନୁମତି ଦେଇନଥିଲି ଏବଂ ହଜୁର ମାଲେ ଗନିମତ୍ ମଧ୍ୟ ଗ୍ରହଣ କଲେନାହିଁ । ଅନ୍ୟ ପାର୍ଶ୍ୱରେ ଅମାନ୍ୟକାରୀମାନେ ମଧ୍ୟ ଚିତ୍କାର କରିବା ଆରମ୍ଭ କରିଦେଲେ ଯେ ମୁସଲମାନମାନେ ପବିତ୍ର ସହରର ମର୍ଯ୍ୟାଦା ରଖିବା ଭଙ୍ଗ କରିଛନ୍ତି ଏବଂ ଯେଉଁ ବ୍ୟକ୍ତି ନିହତ ହୋଇଥିଲା ସେ ଏକ ବିଶିଷ୍ଟ ଓ ସମ୍ଭ୍ରାନ୍ତ ବର୍ଗର ବ୍ୟକ୍ତି ଥିଲା । ବରଂ ସେ ସ୍ୱୟମଂ ଜଣେ ବହୁତ ବଡ଼ ଧନୀକ ବ୍ୟକ୍ତି ଥିଲା ଅର୍ଥାତ ଉମ୍‌ରୋ ବିନ୍ ହଜ୍‌ରମି । ପୁନଶ୍ଚ ସେମାନେ ନିଜର ଦୁଇ କଏଦୀଙ୍କୁ ସ୍ୱାଧିନ କରିବାପାଇଁ ମଦିନାରେ ପହଂଚିଗଲେ ଅର୍ଥାତ କୁରୈଶ୍ କିନ୍ତୁ ଯେହେତୁ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ୍ ଓ ଉତ୍‌ବା ବିନ୍ ଗଜ୍‌ୱାନ୍ ଫେରିନଥିଲେ ଏବଂ ହଜୁର ସ:ଆ:ସଙ୍କୁ ଏହି ଭୟ ଲାଗି ରହିଥିଲା ଯଦି କୁରୈଶ୍‌ଙ୍କୁ ସେ ଦୁହେଁ ମିଳିଯାଆନ୍ତି ତେବେ ସେମାନେ ତାଙ୍କୁ ହତ୍ୟା କରିଦେବେ । ତେଣୁକରି ସେମାନେ ନ ଫେରିବା ଯାଏଁ ହଜୁର ସ:ଆ:ସ କଏଦୀମାନଙ୍କୁ ମୁକ୍ତ କରିବା ପାଇଁ ମନା କରିଦେଲେ ଏବଂ କହିଲେ ଯେ ପର୍ଯ୍ୟନ୍ତ ମୋ ଲୋକମାନେ ସୁରକ୍ଷିତ ଭାବରେ ମଦିନା ପହଂଚିନାହାନ୍ତି ସେ ପର୍ଯ୍ୟନ୍ତ ମୁଁ ତୁମ ଲୋକମାନଙ୍କୁ ମୁକ୍ତ କରିବି ନାହିଁ । ସୁତରାଂ ଯେତେବେଳେ ସେମାନେ ଆସିଗଲେ ହଜୁର ସ:ଆ:ସ ମଧ୍ୟ କଏଦୀମାନଙ୍କୁ ମୁକ୍ତ କରିଦେଲେ କିନ୍ତୁ ସେ ଦୁଇ କଏଦୀ ମଧ୍ୟରୁ ଜଣକ ଉପରେ ମୁସଲମାନମାନଙ୍କ ଏଭଳି ପ୍ରଭାବ ପଡ଼ିଲା ଯେ ସେ ମୁସଲମାନ ହୋଇଗଲା ଏବଂ ବଏରେ ମଉନା ଘଟଣାରେ ସେ ଶହୀଦ ହେଲେ ।

*(ସିରତ ଖାତମୁନ୍ ନବିୟିନ୍....... ପୃ-୩୩୦-୩୩୪)*

ବଦର ଯୁଦ୍ଧ ପୂର୍ବରୁ ମୁସଲମାନମାନଙ୍କ ଅବସ୍ଥା ଚର୍ଚ୍ଚା କରି ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ବର୍ଣ୍ଣନା କରିଛନ୍ତି । ହଜୁର ସ:ଆ:ସ ତିବ୍ର ବେଗରେ ବଦର୍ ଅଭିମୁଖେ ବାହାରିଲେ ଏବଂ ଯେତେବେଳେ ବଦର ନିକଟରେ ପହଂଚିଲେ ସେତେବେଳେ କୌଣସି କଥା ବିଚାରି ଯାହାକି ଇତିହାସରେ ଦରଜ ନାହିଁ । ହଜୁର ସ:ଆ:ସ ନିଜ ପଛରେ ଅବୁବକର ର:ଅଙ୍କୁ ବସାଇ ମୁସଲମାନ ସୈନ୍ୟ ଦଳରୁ ଆଗକୁ ବାହାରି ପଡ଼ିଲେ ସେତେବେଳେ ହଜୁର ସ:ଆ:ସଙ୍କୁ ଜଣେ ବୃଦ୍ଧ ଗାଉଁଲି ବ୍ୟକ୍ତି ସାକ୍ଷାତ ହୋଇଥିଲା ଯାହା ସହ କଥାବାର୍ତ୍ତା ହୋଇ ଆପଣ ଜାଣିପାରିଥିଲେ ଯେ କୁରୈଶ୍‌ର ସୈନ୍ୟ ସାମନ୍ତ ବଦର ସ୍ଥଳେ ଉପସ୍ଥିତ ହୋଇଯାଇଛି । ଏହା ଶୁଣି ହଜୁର ନିଜ ସେନା ନିକଟକୁ ଫେରି ଆସିଲେ ଏବଂ ହଜ୍‌ରତ୍ ଅଲୀ, ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ଓ ସାଆଦ୍ ବିନ୍ ୱକାସ୍‌ଙ୍କୁ ଖବର ଆଣିବାପାଇଁ ପ୍ରେରଣ କରିଦେଲେ ଅର୍ଥାତ ଗୁପ୍ତଚର ଭାବରେ ଏହି ତିନିଜଣଙ୍କୁ ହଜୁର ପ୍ରେରଣ କରିଥିଲେ । ଯେତେବେଳେ ସେମାନେ ବଦର ସ୍ଥଳେ ପହଂଚିଲେ ଦେଖିବାକୁ ପାଇଲେ ଯେ କିଛି ଲୋକ ଏକ ନିର୍ଝରରୁ ଜଳ ସଂଗ୍ରହ କରୁଛନ୍ତି । ସେମାନେ ତାଙ୍କ ଉପରେ ଆକ୍ରମଣ କରି ଜଣେ ହବ୍‌ସି ଦାସକୁ ଧରି ନେଲେ ଏବଂ ହଜୁର ସ:ଆ:ସଙ୍କ ସମ୍ମୁଖରେ ଉପସ୍ଥିତ କଲେ । ହଜୁର ତାଙ୍କୁ ପଚାରିଲେ ସୈନ୍ୟଦଳ କେଉଁଠାରେ ରହିଛନ୍ତି ସେ ଉତର ଦେଲା ଏହି ସମ୍ମୁଖରେ ଥିବା ପାହାଡ଼ ତଳେ ଆପଣ ପୁନଶ୍ଚ ପଚାରିଲେ ସୈନ୍ୟଦଳର ସଂଖ୍ୟା କେତେ ହେବ ? ସେ ପୁନଶ୍ଚ ଉତର ଦେଲା ବେଶ୍ ଅଧିକ କିନ୍ତୁ କେତେ ସଂଖ୍ୟା ତାହା ମତେ ଠିକ୍ ଜଣାନାହିଁ । ହଜୁର ସ:ଆ:ସ ପଚାରିଲେ ଆଛା କୁହ ପ୍ରତିଦିନ ସେମାନଙ୍କ ପାଇଁ କେତୋଟି ଓଟ ଜେଭ୍ କରାଯାଉଅଛି । ସେ ଉତର ଦେଲା ଦଶଗୋଟି । ହଜୁର ସ:ଆ:ସ ସାହାବାଙ୍କୁ କହିଲେ ଜଣାପଡୁଛି ଅମାନ୍ୟକାରୀଙ୍କ ସଂଖ୍ୟା ଏକହଜାର ଅଟେ । ଏବଂ ସେମାନେ ସେତିକି ହିଁ ଥିଲେ ।

*(ସିରତ୍ ଖାତମୁନ୍ ନବିୟିନ୍........ ପୃ-୩୫୫-୩୫୬)*

ହଜ୍‌ରତ୍ ସାଆଦ୍ ର:ଅଙ୍କ ସାହାସିକତା ବିଷୟରେ ଏକ ବର୍ଣ୍ଣନା ଏପରି ଉଲ୍ଲେଖ ରହିଛି ଯେ ବଦର ଯୁଦ୍ଧ ଅବସରରେ ହଜ୍‌ରତ୍ ସାଆଦ୍ ର:ଅ ପଦାଦିକ ହେବା ସତ୍ତ୍ୱେ ଅଶ୍ୱାରୋହୀଙ୍କ ପରି ଅତ୍ୟନ୍ତ ସାହାସିକତାର ସହିତ ଲଢ଼ିଥିଲେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୦୪........ ଲେବ୍‌ନାନ୍ ୧୯୯୦)***

ସେହି କାରଣରୁ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ୍ ର:ଅଙ୍କୁ "ଫରସୁଲ୍ ଇସ୍‌ଲାମ୍‌ର ଆଖ୍ୟା ଦିଆଯାଇଥିଲା । ଅର୍ଥାତ ଇସ୍‌ଲାମ୍‌ର ଅଶ୍ୱାରୋହୀ" । ***(ଉସ୍‌ଦତୁଲ୍‌କାରି, ଶରହ୍ ସହି ବୁଖାରୀ ଖଣ୍ଡ-୧, ପୃ-୩୦୫........ ବେରୁତ ୨୦୦୧)***

ୱହଦ୍ ଯୁଦ୍ଧ ଅବସରରେ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅ ସେହି କେତେଜଣ ଲୋକଙ୍କ ମଧ୍ୟରୁ ଜଣେ ଥିଲେ ଯିଏ ଅତ୍ୟନ୍ତ ଅସ୍ତବ୍ୟସ୍ତତା ଭଳି ପରିସ୍ଥିତି ସତ୍ତ୍ୱେ ମଧ୍ୟ ରସୁଲୁଲ୍ଲାଃ ସ:ଆ:ସଙ୍କ ସୁରକ୍ଷା ନିମନ୍ତେ ତାଙ୍କ ନିକଟରେ ହିଁ ଜମି ରହିଥିଲେ । ୱହଦ୍ ଅବସରରେ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅଙ୍କ ଭାଇ ଉତ୍‌ବା ବିନ୍ ଅବି ୱକାସ ଯିଏକି ଅବିଶ୍ୱାସକାରୀଙ୍କ ପକ୍ଷରୁ ଯୁଦ୍ଧରେ ସାମିଲ ହୋଇଥିଲା । ସେ ହଜୁର ସ:ଆ:ସଙ୍କ ଉପରେ ଘନ ଘନ ଆକ୍ରମଣ କରି ହଜୁର ସ:ଆ:ସଙ୍କ ନିମ୍ନଭାଗର ଦୁଇଟି ପବିତ୍ର ଦାନ୍ତକୁ ଶହୀଦ କରିଦେଇଥିଲା । ଏବଂ ପବିତ୍ର ମାଢ଼ିରେ ଗଭୀର ରୂପେ ଆଘାତ ଲାଗିଥିଲା । ଉତ୍‌ବାର ଭାଇ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ ର:ଅ ମୁସଲମାନ ପକ୍ଷରୁ ଲଢୁଥିଲେ । ଯେତେବେଳେ ସେ ଉତ୍‌ବାର ହତଭାଗ୍ୟତା ଓ ଦୁସାହାସ ସମ୍ପର୍କରେ ଜାଣିବାକୁ ପାଇଲେ ସେତେବେଳେ ସେ ପ୍ରତିଶୋଧ ପରାୟଣ ହୋଇ ନିଜର ଛାତି ଖୋଲିବାକୁ ଲାଗିଲେ । ସେ କୁହନ୍ତି ଯେ ମୁଁ ମୋ ଭାଇକୁ ବନ୍ଧ କରିବାପାଇଁ ଏତେ ବ୍ୟଗ୍ର ହେଉଥିଲି ଯେ, ବୋଧ ମୁଁ ଏହା ପୂର୍ବରୁ ଏଥିପାଇଁ କେବେହେଲେ କୌଣସି ଜିନିଷକୁ ପାଇବା ପାଇଁ ଏତେ ବ୍ୟଗ୍ରତା ପ୍ରକାଶ କରିନଥିଲି । ମୁଁ ଦୁଇ ଦୁଇଥର ଶତ୍ରୁପକ୍ଷର ମଧ୍ୟବର୍ତୀ ଦେଇ ଉକ୍ତ ଅତ୍ୟାଚାରିର ସନ୍ଧାନରେ ବାହାରିଲି ଯେ ତାକୁ ଆଜି ଦୁଇ ଖଣ୍ଡ କରିଦେବି ଏବଂ ନିଜ ମନକୁ ଶାନ୍ତ କରିବି କିନ୍ତୁ ସେ ମତେ ଦେଖି ଏପରି ଲୁଚି ଖସିଯାଉଥିଲା ଯେପରି କୋକିଶିଆଳି ଲୁଚି ଖସିଯିବାକୁ ଉଦ୍ୟମ କରିଥାଏ । ପରିଶେଷରେ ଯେତେବେଳେ ମୁଁ ତୃତୀୟଥର ପାଇଁ ଶତ୍ରୁଙ୍କ ମଝିରେ ଅନୁପ୍ରବେଶ କରି ତାହାକୁ ହତ୍ୟା କରିବାପାଇଁ ଉଦ୍ୟମ କଲି ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ଅତ୍ୟନ୍ତ ଭାବପୂର୍ଣ୍ଣ ଓ ସ୍ନେହସହକାରେ ମତେ କହିଲେ ଯେ, ହେ ପରମେଶ୍ୱରଙ୍କ ଭକ୍ତ ତୋର କଣ ପ୍ରାଣର ଆହୁତି ଦେବାକୁ ଇଚ୍ଛା ହେଉଛି ସୁତରାଂ ହଜୁର ସ:ଆ:ସଙ୍କ ଅଟକାଇବା ଯୋଗୁଁ ସେ ଉକ୍ତ ଇଚ୍ଛାରୁ ବିରତ ରହିଥିଲେ ।

***(ଖୁତ୍‌ବାତେ ତାହେର୍, ତକ୍‌ବିର୍ ଜଲ୍‌ସା ସାଲାନା ୧୯୭୯, ପୃ-୩୪୬)***

**ହଦିସ୍ ନବୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah,
Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb,
Jamat Ahmadiyya, Kerang (Odisha)*

ଓ୍ୱହଦ୍ ଯୁଦ୍ଧରେ ଯେତେବେଳେ ହଜୁର ସ:ଆ:ସଙ୍କ ନିକଟରେ ଖୁବ୍ କମ୍ ସାହାବା ରହିଯାଇଥିଲେ ସେତେବେଳେ ସାଆଦ୍‌ଙ୍କ ସମ୍ପର୍କରେ ହଜ୍‌ତର୍ ମିର୍ଜା ବଶିର୍ ଅହେମଦ୍ ସାହେବ ଉଲ୍ଲେଖ କରନ୍ତି ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ ର:ଅଙ୍କୁ ହଜୁର ସ:ଆ:ସ ସ୍ୱୟମ ତୀର ଧରାଇ ଦେଉଥିଲେ ଏବଂ ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ ର:ଅ ସେହି ତୀରଗୁଡ଼ିକୁ ଶତ୍ରୁ ଉପରକୁ ନିକ୍ଷେପ କରୁଥିଲେ । ଏକଦା ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ସାଆଦ୍‌ଙ୍କୁ କହିଲେ ତୁମ ଉପରେ ମୋର ପିତାମାତା ଉତ୍ସର୍ଗ ହୁଅନ୍ତୁ । ତୁମେ ଅହରହ ତୀର ନିକ୍ଷେପ କରିଚାଲ, ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ ର:ଅ ନିଜ ଜୀବନର ଶେଷ ମୁହୁର୍ତ୍ତ ପର୍ଯ୍ୟନ୍ତ ହଜୁର ସ:ଆ:ସଙ୍କର ଉକ୍ତ ପଦକୁ ଅର୍ଥାତ ହଜୁର ତାଙ୍କ ପାଇଁ ଯେଭଳି ବାକ୍ୟ ବ୍ୟବହାର କରିଥିଲେ । ଅତ୍ୟନ୍ତ ଗର୍ବର ସହିତ ଲୋକମାନଙ୍କ ଆଗରେ ବର୍ଣ୍ଣନା କରୁଥିଲେ । ***(ସିରତ୍ ଖାତମୁନ୍ ନବିୟିନ୍........ ପୃ-୪୯୫)***

ଆଉ ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ ର:ଅ କୁହନ୍ତି, ହଜ୍‌ରତ୍ ସ:ଆ:ସ ଓ୍ୱହଦ୍ ଯୁଦ୍ଧ ଦିନ ନିଜ ତୀର କମାଣରୁ ତୀର ବାହାର କରି ରଖିଦେଲେ ଏବଂ କହିଲେ ତୀର ଚାଳନା କର ତୁମ ପାଇଁ ମୋ ପିତାମାତା ଉତ୍ସର୍ଗୀକୃତ ।

***(ସହୀ ବୁଖାରୀ, କିତାବୁଲ୍ ମଗାଜି....... ହଦିସ୍ ନଂ-୪୦୫୫)***

ହଜ୍‌ରତ୍ ଅଲୀ କୁହନ୍ତି ମୁଁ ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ ର:ଅଙ୍କ ବ୍ୟତିତ ଅନ୍ୟ କାହାରିପାଇଁ ହଜୁର ସ:ଆ:ସଙ୍କୁ କଦାପି ଏଭଳି ଉକ୍ତି ବ୍ୟବହାର କରୁଥିବାର କି ନିଜ ମାତାପିତା ଉତ୍ସର୍ଗ ହୁଅନ୍ତୁ ଦୁଆ ଦେବାର ଶୁଣିନାହିଁ । ***(ଯାମେ ତିର୍‌ମିଜି..... ହସିସ୍ ନଂ-୩୭୫୩)***

ଏହି ସ୍ଥଳେ ଏହା ଚର୍ଚ୍ଚା କରିଦେବା ମଧ୍ୟ ପ୍ରଯୁଜ୍ୟ ହେବ ଯେ, ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ ର:ଅଙ୍କ ବ୍ୟତିତ ଇତିହାସ ପୃଷ୍ଠାରେ ହଜ୍‌ରତ୍ ଜୈଦ୍ ବିନ୍ ଅଓ୍ୱାମ୍‌ଙ୍କ ନାମ ମଧ୍ୟ ଦରଜ ରହିଛି ଯେ ତାଙ୍କ ପାଇଁ ମଧ୍ୟ ହଜୁର ସ:ଆ:ସ ଏଭଳି ଉକ୍ତି ବ୍ୟବହାର କରିଥିଲେ । ହଜୁର ସ:ଆ:ସ କହିଲେ ଫିଦାକା ଅବି ଓ୍ୱ ଉମ୍ମି ଅର୍ଥାତ ମୋ ମାତାପିତା ତୁମପାଇଁ ଉତ୍ସର୍ଗୀକୃତ ଏହା ବୁଖାରୀର ବର୍ଣ୍ଣନା ଅଟେ ।

***(ବୁଖାରୀ, କିତାବୁଲ୍ ଫଜାଇଲ୍......... ହଦିସ୍ ନଂ-୩୭୨୦)***

ଓ୍ୱହଦ୍ ଯୁଦ୍ଧର ବର୍ଣ୍ଣନା କରି ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ ର:ଅ କୁହନ୍ତି ହଜୁର ସ:ଆ:ସ ମୋ ପାଇଁ ନିଜ ମାତାପିତାଙ୍କୁ ଏକାଠି କଲେ ସେ କହିଲେ ଅମାନ୍ୟକାରୀଙ୍କ ମଧ୍ୟରୁ ଜଣେ ଥିଲେ ଯିଏ ମୁସଲମାନମାନଙ୍କ ମଧ୍ୟରେ ନିଆଁ ଲଗାଇଦେଇଥିଲେ । ହଜୁର ସ:ଆ:ସ ସାଆଦ୍‌ଙ୍କୁ କହିଲେ ତୀର ବର୍ଷଣ କର, ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ ର:ଅ କୁହନ୍ତି ମୁଁ ସେହି ତୀର ଯାହାର ଅଗ୍ରଭାଗ ନଥିଲା ତାହାକୁ ନିକ୍ଷେପ କଲି ଯଦ୍ୱାରା ସେ ନିହତ ହେଲା । ଅର୍ଥାତ ଉକ୍ତ ଉପଦ୍ରବକାରୀ ଓ ବିଶୃଙ୍ଖଳାକାରୀ ଯିଏ ମୁସଲମାନମାନଙ୍କ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି କରୁଥିଲା ତାହାର ବଦ୍ଧ ହୋଇଥିଲା । ତା'ର ସେଥିରେ ବସ୍ତ୍ର ଖୋଲିଗଲା ମୁଁ ଦେଖିଲି ଯେ, ହଜୁର ସ:ଆ:ସ ଆନନ୍ଦରେ ହସି ଉଠିଲେ । ***(ସହି ମୁସ୍‌ଲିମ୍......୨୪୧୨)***

ଓ୍ୱହଦ୍ ଯୁଦ୍ଧ ଅବସରରେ ଏକ ଭୟାନକ ଶତ୍ରୁ ଯାହାର ନାମ ହିବ୍‌ବାନ୍ ବୋଲି କୁହାଯାଉଥିଲା । ସେ ଏକ ତୀର ନିକ୍ଷେପ କଲା ଯାହାକି ହଜ୍‌ରତ୍ ଉମ୍ମେ ଅଇମନ୍ ପଣତକାନିରେ ବାଜିଥିଲା । ସେ ସେତେବେଳେ ଆହତମାନଙ୍କୁ ଜଳପାନ କରାଉଥିଲେ । ଏହା ଦେଖି ହିବ୍‌ବାନ୍ ହସିବାକୁ ଲାଗିଲା । ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ ର:ଅଙ୍କୁ ହବାନ୍ ଉପରକୁ ତୀର ନିକ୍ଷେପ କରିବାପାଇଁ ଇଙ୍ଗିତ କଲେ । ସୁତରାଂ ଯେତେବେଳେ ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ ର:ଅ ଉକ୍ତ ତୀର ହବାନ୍ ଉପରକୁ ନିକ୍ଷେପ କଲେ ସେତେବେଳେ ସେହି ତୀର ତା'ର ବେକରେ ଯାଇ ବାଜିଥିଲା ଏବଂ ସେ ପଛମୁହାଁ ହୋଇ ଭୂମିରେ ପଡ଼ିଯାଇଥିଲା ଏପରି କି ତା'ର ବସ୍ତ୍ର ବାହାରିଗଲା ଓ ସେ ଉଲଗ୍ନ ହୋଇଯାଇଥିଲା । ଏହା ଦେଖି ଆଁ ହଜ୍‌ରତ୍ ସ:ଆ:ସ ସ୍ମିତହାସ୍ୟ ପ୍ରକାଶ କରିଥିଲେ ।

***(ଅଲ୍‌ଅସାବାଃ....... ଖଣ୍ଡ-୩, ପୃ-୬୪.......... ବେରୁତ ୧୯୯୫)***

ଏହା ସେହି ମୁସ୍‌ଲିମ୍‌ର ହଦିସ୍ ଆମ ନୂର୍ ଫାଉଣ୍ଡେସନ୍ ଏହାର ଅନୁବାଦ କରିଛି ଯେଉଁଥିରେ ସେମାନେ ଏହି ନୋଟ ଲେଖିଛନ୍ତି କି ହଜୁର ସ:ଆ:ସଙ୍କର ଏହି ଆନନ୍ଦ ପ୍ରଭୁଙ୍କ ସେହି ଅଶେଷ ଦୟାର କୃତଜ୍ଞତା ଜ୍ଞାପନ କରିବାଯୋଗୁଁ ଥିଲା ଯେ, ସେ ଜଣେ ଭୟଙ୍କର ଶତ୍ରୁକୁ ମାତ୍ର ଏକ ଫଳକ ନଥିବା ତୀର ଦ୍ୱାରା ନୀହତ କରାଇ ମୁସଲମାନମାନଙ୍କୁ ତାହା କବଳରୁ ରକ୍ଷା କରିଥିଲେ । ହଜୁର ସ:ଆ:ସଙ୍କର ଏହି ପ୍ରସନ୍ନତା ଅଲ୍ଲାଃ ତାଲାଙ୍କ କୃତଜ୍ଞତା ଯୋଗୁଁ ଥିଲା ଯେ ଅଲ୍ଲାଃ ତାଲା ଏକ ଭୟାନକ ଶତ୍ରୁ କବଳରୁ ମୁସଲମାନମାନଙ୍କୁ ରକ୍ଷା କରିଥିଲେ ।

***(ସହି ମୁସ୍‌ଲିମ୍, ଖଣ୍ଡ-୧୩, ପୃ-୪୧..... ନୂର୍ ଫାଉଣ୍ଡେଶନ୍)***

ଅନ୍ୟ ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଓ୍ୱହଦ୍ ଯୁଦ୍ଧ ଦିନ ହଜ୍‌ରତ୍ ସାଆଦ୍ ର:ଅ ଶତ୍ରୁଙ୍କ ଉପରକୁ ଏକହଜାର ତୀର ନିକ୍ଷେପ କରିଥିଲେ ।

***(ରୌଶନ୍ ସିତାରେ........ ଖଣ୍ଡ-୨, ପୃ-୭୬୯)***

ସୁଲେ ହୁଦବିୟା ଅବସରରେ ସନ୍ଧିପତ୍ର ଉପରେ ଯେଉଁ ସାହାବାଗଣ ସାକ୍ଷ୍ୟ ରୁପେ ସ୍ୱାକ୍ଷର କରିଥିଲେ ତନ୍ମଧ୍ୟରୁ ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ ର:ଅ ମଧ୍ୟ ସାମିଲ ଥିଲେ ।

***(ସିରତ୍ ଖାତମୁନ୍ ନବିୟିନ୍......... ପୃ-୭୬୯)***

ମକ୍କା ବିଜୟ ଅବସରରେ ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ ର:ଅଙ୍କ ନିକଟରେ ପ୍ରବାସକାରୀଙ୍କ ତିନୋଟି ଧ୍ୱଜା ମଧ୍ୟରୁ ଗୋଟିଏ ଧ୍ୱଜା ରହିଥିଲା ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୦୫............ ଲେବ୍‌ନାନ୍ ୧୯୯୦)***

ହୁଜ୍ଜତୁଲ୍ ଓ୍ୱିଦାଆ ଅବସରରେ ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ ର:ଅ ଅସୁସ୍ଥ ହୋଇଯାଇଥିଲେ ଏହାର ଚର୍ଚ୍ଚା କରି ହଜ୍‌ରତ୍ ସାଆଦ୍ ର:ଅ ବର୍ଣ୍ଣନା କରନ୍ତି ଯେ ମୁଁ ମକ୍କାରେ ଅସୁସ୍ଥ ହୋଇପଡ଼ିଥିଲି ଏବଂ ଜୀବନ ଓ ମୃତ୍ୟୁ ସହିତ ସଂଗ୍ରାମ କରୁଥିଲି ଏବଂ ମୃତ୍ୟୁର ଖୁବ୍ ନିକଟବର୍ତ୍ତୀ ହୋଇଯାଇଥିଲି । ରସୁଲୁଲ୍ଲାଃ ସ:ଆ:ସ ମୋର ଦେଖାଶୁଣାପାଇଁ ଯେତେବେଳେ ମୋ ନିକଟକୁ ଆସିଲେ ସେତେବେଳେ ମୁଁ ତାଙ୍କୁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ମୋ ନିକଟରେ ବହୁ ପରିମାଣରେ ଅର୍ଥ ରହିଛି ଏବଂ ମୋର ଉତରାଧିକାରୀରେ କେବଳ ଜଣେ ମାତ୍ର ପୁତ୍ର ରହିଛି ତେବେ ମୁଁ ଦୁଇ ତୃତୀୟାଂଶ ଅର୍ଥ ସତ୍ୟ ସ୍ୱରୁପ ଇସ୍‌ଲାମ୍ ମାର୍ଗରେ ଦାନ କରୁଅଛି । ହଜୁର ସ:ଆ:ସ କହିଲେ ନାଁ ପୁନଶ୍ଚ ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ଅର୍ଦ୍ଧଭାଗ ସମ୍ପତି ଦାନ କରିଦେଉଛି । ହଜୁର କହିଲେ ନାଁ ମୁଁ କହିଲି ତାହେଲେ ଏକ ତୃତୀୟାଂଶ ସମ୍ପତି ଦାନ କରିଦେଉଛି ହଜୁର ସ:ଆ:ସ କହିଲେ ହଁ ତାହା ଠିକ୍ ଅଛି କିନ୍ତୁ ତାହା ମଧ୍ୟ ଅଧିକ ଜଣାଯାଉଛି । ତା'ପରେ କହିଲେ ଯଦି ତୁମେ ନିଜ ସନ୍ତାନକୁ ଧନଶାଳୀ ଛାଡ଼ି ଯାଅ ତେବେ ଏହା ତାହାଠାରୁ ଶ୍ରେୟସ୍କର କି ତୁମେ ତାକୁ ଅଭାବ ଅନଟନରେ ଛାଡ଼ିଯାଅ ଯଦ୍ୱାରା ସେ ଲୋକମାନଙ୍କ ନିକଟରେ ହାତ ପାତିବ । ଯାହା ତୁମେ ଖର୍ଚ୍ଚ କରିବ ତାହାର ପ୍ରତିଫଳ ତୁମକୁ ମିଳିବ ଏପରିକି ସେ ଖାଦ୍ୟ ଟୁକୁଡ଼ାର ଯାହାକି ତୁମ ପତ୍ନୀକୁ ଖୁଆଉଥିବ । ମୁଁ ପ୍ରଶ୍ନ କଲି ହେ ଅଲ୍ଲାଃଙ୍କ ରସୁଲ୍ କଣ ମୁଁ ନିଜ ନିଜ ହିଜ୍‌ରତ୍‌ର ପଛରେ ରହିଯିବି । ହଜୁର ସ:ଆ:ସ ଉତର ଦେଲେ ଯଦି ତୁମେ ପଛରେ ରହି ମଧ୍ୟ ଯାଅ ତେବେ ସୁଧା ଯେଉଁ ଅମଳ ତୁମେ ପଭୁଙ୍କ ପ୍ରିତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ କରିଛ ତାହା ଦ୍ୱାରା ବୈକୁଣ୍ଠରେ ତୁମର ସ୍ତର ଉର୍ଦ୍ଧଗାମୀ ହେବ ଏବଂ ମୋର ଅନୁମାନ କି ମୋ ଅନ୍ତେ ମଧ୍ୟ ତୁମେ ଜୀବିତ ରହିବ ଏପରିକି ସେହି ଗୋଷ୍ଠୀ ତୁମଠାରୁ ଉପକୃତ ହେବ ଏବଂ କିଛି ଲୋକ କ୍ଷତିଗ୍ରସ୍ତ ମଧ୍ୟ ହେବେ । ***(ସହି ବୁଖାରୀ...... ହଦିସ୍ ନଂ-୬୭୩୩)***

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜୁର ସ:ଆ:ସ ଦୁଆ କଲେ ହେ ପ୍ରଭୁ ମୋ ସାହାବାଙ୍କ ପାଇଁ ସେମାନଙ୍କ ହିଜ୍‌ରତ୍ ସମ୍ପୁର୍ଣ୍ଣ କରାଅ ଏବଂ ସେମାନଙ୍କୁ ସେମାନଙ୍କ ଗୋଇଠିରେ ଫେରାଇ ଦିଅନାହିଁ । ***(ସହି ବୁଖାରୀ, କିତାବୁଲ୍ ଯନାଇଜ୍........ ହଦିସ୍ ନଂ ୧୨୯୫)***

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ସାଆଦ୍ କୁହନ୍ତି ଯେତେବେଳେ ମୁଁ ବ୍ୟାଧିରେ ଆକ୍ରାନ୍ତ ହେଲି ସେତେବେଳେ ହଜୁର ସ:ଆ:ସ ମୋ ସ୍ୱାସ୍ଥ୍ୟବସ୍ଥା ପଚାରିବାକୁ ଆସିଲେ ଏବଂ କହିଲେ କଣ କିଛି ଓ୍ୱସିୟତ କରିଛ ମୁଁ ଉତର ଦେଲି ଆଜ୍ଞା, ହଜୁର ପୂନରାୟ ପ୍ରଶ୍ନ କଲେ କେତେ ? ମୁଁ ଉତର ଦେଲି ନିଜର ସମ୍ପୁର୍ଣ୍ଣ ଅର୍ଥ ପ୍ରଭୁଙ୍କ ମାର୍ଗରେ ଦାନ କରିବାର । ହଜୁର କହିଲେ ତେବେ ନିଜ ସନ୍ତାନମାନଙ୍କ ପାଇଁ କଣ ଛାଡ଼ିଲ ? ମୁଁ ଉତର ଦେଲି ସେମାନେ ଧନାଢ଼୍ୟ । ହଜୁର ସ:ଆ:ସ କହିଲେ ତଥାପି ଏକଦଶାଂଶ ଓ୍ୱସିୟତ କରିଦିଅ । ହଜ୍‌ରତ୍ ସାଆଦ୍ କୁହନ୍ତି ମୁଁ ଏପରି କହୁଥିଲି ଏବଂ ହଜୁର ସ:ଆ:ସ ମଧ୍ୟ ସେହିପରି କହୁଥିଲେ । ହଜ୍‌ରତ୍ ସାଆଦ୍ ଅଧିକ ଅର୍ଥ ସଦ୍‌କା ଅର୍ଥାତ ପୂଣ୍ୟ କରିବାକୁ ଚାହୁଁଥିଲେ କିନ୍ତୁ ହଜୁର କମ୍ କରିବାକୁ ଲାଗିଥିଲେ । ଶେଷରେ ହଜୁର ସ:ଆ:ସ କହିଲେ ଏକ ତୃତୀୟାଂଶ ଅର୍ଥ ଓ୍ୱସିୟତ କରିଦିଅ ଏବଂ ଏହା ମଧ୍ୟ ବେଶ୍ ଅଧିକ । ***(ସୁନନେ ନସାଇ, କିତାବୁଲ୍ ଓ୍ୱସାୟା......... ହଦିସ୍ ନଂ-୩୬୬୨)***

ଯେଉଁମାନେ ଫିକ୍କା ଅର୍ଥାତ ଶରିୟତ୍ ସଂକ୍ରାନ୍ତିୟ ଜ୍ଞାନ ରଖୁଛନ୍ତି ସେମାନେ ମଧ୍ୟ ଏହି ରିଓ୍ୱାୟତ୍‌ରୁ ନିଷ୍କର୍ସ ବାହାର କରୁଛନ୍ତି ଯେ ଏକତୃତୀୟାଂଶରୁ ଅଧିକ ଅର୍ଥ ଓ୍ୱସିୟତ କରାଯାଇପାରିବ ନାହିଁ । ***(ଯାମେ ତିର୍‌ମିଜି........ ହଦିସ୍ ନଂ-୨୧୧୬)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏହି ପ୍ରସଙ୍ଗରେ କହୁଛନ୍ତି ଆହାଦିସ୍ ମଧ୍ୟ ଏହାର ସମର୍ଥନ କରୁଅଛି କି ନିଜ ଖର୍ଚ୍ଚ ବାହାର କରିବା ପରେ ବାକି ସମ୍ପତିର ଓ୍ୱସିୟତ କରିବା ଇସ୍‌ଲାମ୍‌ର ନିତିଶିକ୍ଷା ନୁହେଁ । ହଜୁର ସ:ଆ:ସ କୁହନ୍ତି **ୟଜିଉ ଅହ୍‌ଦୁକୁମ୍ ବିମାଲିହି କୁଲ୍ଲିହି......... ଅନ୍ ଜହ୍‌ରେ ଗିନନ୍** । ଅର୍ଥାତ ତୁମମାନଙ୍କ ମଧ୍ୟରୁ କେତେକ ଲୋକ ନିଜର ସମସ୍ତ ଅର୍ଥ ସଦ୍‌କା କରିବା ପାଇଁ ନେଇ ଆସିଥାନ୍ତି ଏବଂ ପରେ ଲୋକମାନଙ୍କ ନିକଟରେ ହାତ ପାତିଥାନ୍ତି । ମନେରଖ ସଦ୍‌କା କେବଳ ଅଧିକ ଅର୍ଥରେ ଅନିର୍ବାର୍ଯ୍ୟ ହୋଇଥାଏ । ଏହିପରି ଆହୁରି ହଜୁର ସ:ଆ:ସ କୁହନ୍ତି **ଇନ୍ନ ନଜର୍ ଓ୍ୱରସତକା.......... ୟତକଫ୍‌ଫଫୁନନ୍‌ନାସା** । ଅର୍ଥାତ ଯଦି ତୁମେ ନିଜ ଉତରାଧିକାରୀକୁ ଧନଶାଳୀ ଅବସ୍ଥାରେ ଛାଡ଼ିଯାଅ ତେବେ ଏହା ଅଧିକ ଶ୍ରେୟସ୍କର କି ତୁମେ ତାଙ୍କୁ ଅଭାବ ଅନଟନରେ ଓ ଲୋକମାନଙ୍କ ନିକଟରେ ହାତ ପାତିବାକୁ ଛାଡ଼ିଯାଅ । ଏହିପରି ହଦିସ୍‌ରେ ଦରଜ ରହିଛି, ହଜ୍‌ରତ୍ ସାଆଦ୍ ହଜୁର ସ:ଆ:ସଙ୍କଠାରୁ ଦୁଇ ତୃତୀୟ ଅର୍ଥ ବାଂଟି ଦେବାର ଅନୁମତି ମାଗିଥିଲେ । କିନ୍ତୁ ହଜୁର ଏହାର ଅନୁମତି ପ୍ରଦାନ କରିନଥିଲେ । ତା'ପରେ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

"ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । "

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*


## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ସେ ନିଜର ଅଧା ସମ୍ପତି ବାଂଟିବାର ଅନୁମତି ମାଗିଥିଲେ, ତାହା ମଧ୍ୟ ହଜୁର ଗ୍ରହଣ କରିନଥିଲେ ଏବଂ ମନା କରିଦେଇଥିଲେ ଯଦ୍ୱାରା ସେ ଶେଷରେ ଏକତୃତୀୟାଂଶର ଅନୁମତି ମାଗିଥିଲେ ଏବଂ ହଜୁର ତାହାର ଅନୁମୋଦନ ପାରିତ କରିଥିଲେ । କିନ୍ତୁ କହିଲେ ଏହା ମଧ୍ୟ ଯଥେଷ୍ଟ । ବସ୍ତୁତଃ ଇସ୍‌ଲାମୀୟ ଶିକ୍ଷା ଅନୁଯାୟୀ ଆବଶ୍ୟକଠାରୁ ଅଧିକ ଅର୍ଥ ଥିଲେ ତାହାକୁ ବଂଟନ କରିଦେବା ସମ୍ପୂର୍ଣ୍ଣରୂପେ ଇସ୍‌ଲାମୀୟ ଶିକ୍ଷା ବିପରିତ ଓ ସାହାବାଙ୍କ ଅମଳ ବିପରୀତ କାର୍ଯ୍ୟ ଅଟେ । କାରଣ କିଛି ସାହାବା ଏଭଳି ମଧ୍ୟ ଥିଲେ ଯାହାଙ୍କ ନିଧନ ସମୟରେ ତାଙ୍କର ଲକ୍ଷାଧିକ ଅର୍ଥ ସେମାନଙ୍କ ଉତରାଧିକାରୀଙ୍କ ମଧ୍ୟରେ ବଂଟାଯାଇଥିଲା ।

***(ତଫ୍‌ସିର୍ କବୀର୍ ଖଣ୍ଡ-୨, ପୃ-୪୯୪)***

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ସାଆଦ୍ କୁହନ୍ତି ମକ୍କାରେ ଯେତେବେଳେ ମୁଁ ବ୍ୟାଧିରେ ଆକ୍ରାନ୍ତ ହେଲି । ହଜୁର ସ:ଆ:ସ ମୋ ନିକଟକୁ ଆସିଲେ ଏବଂ ମୋ ଛାତିରେ ହାତ ରଖିଲେ ଓ ଆପଣଙ୍କ ହସ୍ତର ଶୀତଳତା ମୁଁ ଅନୁଭବ କଲି ତା'ପରେ ହଜୁର କହିଲେ ତୁମକୁ ତ ହୃଦରୋଗ ହୋଇଛି । ସୁତରାଂ ତୁମେ ହାରିଶ୍ ବିନ୍ କଲିଦାଙ୍କ ନିକଟକୁ ଯାଅ ସେ ବନୁ ସକିଫ୍‌ର ଭାଇ ଅଟେ ସେ ଜଣେ ବୈଦ୍ୟ ଏବଂ ତାଙ୍କୁ କୁହ ସେ ମଦିନାରୁ ସାତ ଅଜ୍‌ୱା, ଖଜୁରୀ ମଞ୍ଜି ସମେତ ପେଶି ତୁମକୁ ଔଷଧରୂପେ ସେବନ କରାଇ ଦିଅନ୍ତୁ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୦୮......... ଲେବ୍‌ନାନ୍ ୧୯୯୦)***

ହଜ୍‌ରତ୍ ସାଆଦ୍ ବିନ୍ ଅବି ୱିକାସ୍ ର:ଅ ବର୍ଣ୍ଣନା କରନ୍ତି, ଯେତେବେଳେ ମକ୍କାରେ ଅସୁସ୍ଥ ହେଲି ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ମୋର ଦେଖାଶୁଣା କରିବାପାଇଁ ଆସିଲେ ଏହା ମଧ୍ୟ ଉଲ୍ଲେଖ ରହିଛି, ଯେ ହଜୁର ସ:ଆ:ସ ଜଣେ ବ୍ୟକ୍ତିଙ୍କୁ ବିଶେଷରୂପେ ମୋ ଦେଖାଶୁଣା କରିବାପାଇଁ ନିଯୁକ୍ତ କରିଥିଲେ ଯେପରି ମୋର ସଠିକ ରୂପେ ଯତ୍ନ ନେଇପାରିବ । ହଜୁର ସ:ଆ:ସ ତାଙ୍କୁ ତାଗିଦ୍ କରିଥିଲେ । ଯଦି ହଜ୍‌ରତ୍ ସାଆଦ୍ ବିନ୍ ଅବି ୱିକାସଙ୍କର ମକ୍କାରେ ମୃତ୍ୟୁ ହୁଏ ତେବେ ତାଙ୍କୁ ମକ୍କାରେ କବର ଦେବନାହିଁ ବରଂ ତାଙ୍କର ମରଶରୀରକୁ ମଦିନା ଘେନି ଆସିବ ଏବଂ ମଦିନାରେ ହିଁ ତାଙ୍କୁ କବର ଦିଆଯିବ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୦୮......... ଲେବ୍‌ନାନ୍ ୧୯୯୦)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ସାଆଦଙ୍କର ଚର୍ଚ୍ଚା କରି କୁହନ୍ତି, ହଜୁର ସ:ଆ:ସ ଯଦିଚ ସ୍ୱୟଂ ଶୀକାର କରୁନଥିଲେ କିନ୍ତୁ ଅନ୍ୟ ଦ୍ୱାରା ଶୀକାର କରାଉଥିଲେ । ଅତଏବ ଗୋଟିଏ ଯୁଦ୍ଧରେ ଆପଣ ହଜ୍‌ରତ୍ ସାଆଦଙ୍କ ଡ଼କାଇଲେ ଏବଂ କହିଲେ ଦେଖ ହରୀଣ ଅତିକ୍ରମ କରୁଅଛି ତାହାକୁ ତୀର ନିକ୍ଷେପ କର । ଯେତେବେଳେ ସେ ତୀର ମାରିବାକୁ ଲାଗିଲେ ସେତେବେଳେ ହଜୁର ନିଜ ଥୋଡ଼ି ନମ୍ରତାର ସହ ତାଙ୍କ କାନ୍ଧ ଉପରେ ରଖି କହିଲେ ହେ ପ୍ରଭୁ ତାଙ୍କ ଲକ୍ଷ୍ୟ ସିଦ୍ଧ କରିଦିଅ । ***(ତଫ୍‌ସିର୍ କବୀର୍ ଖଣ୍ଡ-୫, ପୃ-୧୨୪)***

ଖନ୍ଦକ ଯୁଦ୍ଧ ସମୟରେ ସାହାବା ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ ହଜୁର ଏକ ଚଟାଣ ଆମମାନଙ୍କ ଦ୍ୱାରା ବିଭକ୍ତ ହେଉନାହିଁ । ହଜୁର ସେଠାକୁ ପ୍ରସ୍ଥାନ କଲେ ଏବଂ ତିନିଥର କୋଦାଳ ମାରିଲେ । ପ୍ରତ୍ୟେକ ଥର ଚଟାଣର କିଛି ଅଂଶ ଭାଙ୍ଗିଲା ଏବଂ ହଜୁର ସ:ଆ:ସ ଉଚ୍ଚ ସ୍ୱରରେ ଅଲ୍ଲାଃ ହୁ ଅକ୍‌ବର୍ ଶବ୍ଦ ଉଚ୍ଚାରଣ କରିଲେ । ସାହାବାମାନେ ମଧ୍ୟ ହଜୁରଙ୍କ ଉଚ୍ଚାରଣରେ ନାରା ଲଗାଇଲେ ଅର୍ଥାତ ପ୍ରତିଉତର ଦେଇଥିଲେ । ସେଥିମଧ୍ୟରୁ ଗୋଟିଏ ପ୍ରହାର ବେଳେ ଆପଣ କହିଲେ ମତେ ମଦିଅନ୍‌ର ଧବଳ ମହଲ ଧରାଶାୟୀ ହେବାର ଦେଖାଗଲା । ଯାହାକି ହଜ୍‌ରତ୍ ସାଆଦଙ୍କ ହସ୍ତରେ ପୂରଣ ହୋଇଥିଲା ।

ଆରବ ସମ୍ମୁଖରେ ଦୁଇଟି ମହାଶକ୍ତି ଥିଲା, ଗୋଟିଏ କିସ୍‌ରା ଓ ଅନ୍ୟଟି କୈସର୍ । ଇରାକର ଏକ ବଡ଼ ଅଂଶ ମଧ୍ୟ ଇରାନ୍ ଅଧିନସ୍ଥ ଥିଲା ଏବଂ ମଦିନାର ମଦିଅନ୍‌ରେ ସେମାନଙ୍କର ରାଜମହଲ ରହିଥିଲା । ମଦାଇନ୍, କାଦିସିୟା, ନହାୱନ୍ଦ ଏବଂ ଜଲୁଲାଆର ପ୍ରଶିଦ୍ଧ ଯୁଦ୍ଧଗୁଡ଼ିକ ହଜ୍‌ରତ୍ ସାଆଦଙ୍କ ନେତୃତ୍ୱରେ ଲଢ଼ାଯାଇଥିଲା ।

ମଦାଇନ୍ ଇରାକ୍ ଦେଶରେ ବଗ୍‌ଦାଦ୍ ନିକଟସ୍ଥ ଦକ୍ଷିଣପାର୍ଶ୍ୱରେ ଅବସ୍ଥିତ ଦଜ୍‌ଲା ନଦି କୁଳରେ ରହିଛି ଯେଉଁଠାରେ ଅନେକ ସହର ବସି ରହିଛି । ଆରବ ସେଗୁଡ଼ିକୁ ମଦାଇନ ଅର୍ଥାତ ସହରସମୂହ କହିବା ଆରମ୍ଭ କରିଦେଲେ ।

କାଦିସିୟା ମଧ୍ୟ ଇରାକ୍‌ର ଏକ ସହର ଯେଉଁଠାରେ ମୁସଲମାନ ଓ ପାର୍ସୀମାନଙ୍କ ମଧ୍ୟରେ ଘମାସାନ ଲଢ଼ାଇ ହୋଇଥିଲା । ବର୍ତମାନ ଉକ୍ତ ସ୍ଥାନଟି କୁଫାଠାରୁ ପନ୍ଦର ମାଇଲ ଦୂରରେ ଅବସ୍ଥିତ ।

ନହାୱନ୍ଦ ଇରାକ୍‌ରେ ଅବସ୍ଥିତ ଏକ ସହର ଯାହାକି ଇରାନ୍ ଦେଶର ଏକ ରାଜ୍ୟ ହମ୍‌ଦାନ୍ ର ରାଜଧାନୀଠାରୁ ୭୦ କିମି ଦକ୍ଷିଣରେ ଅବସ୍ଥିତ ।

ଜଲୁଲା ଇରାକ୍ ଦେଶରେ ଏକ ସହର ଯାହାକି ଦଜ୍‌ଲା ନଦୀ କୂଳରେ ଅବସ୍ଥିତ ଏଠାରେ ମୁସଲମାନ ଓ ପାର୍ସୀମାନଙ୍କ ମଧରେ ଯୁଦ୍ଧ ହୋଇଥିଲା । ଏହାର ନାମ ଜଲୁଲା ଏଥିଯୋଗୁଁ ରଖାଯାଇଥିଲା ଯେ ଏହି ସହରଟି ଇରାନୀୟମାନଙ୍କ ଶବରେ ଭରିଯାଇଥିଲା । ହଜ୍‌ରତ୍ ଅବୁବକର୍ ର:ଅଙ୍କ ସମୟକାଳରେ ହଜ୍‌ରତ୍ ମୁସ୍‌ନା ବିନ୍ ହରିସ୍ ଇରାକ୍ ଉପରେ ଆକ୍ରମଣ କରିବାପାଇଁ ଅନୁମତି ମାଗିଥିଲେ । ଯାହାକୁ ହଜ୍‌ରତ୍ ଅବୁବକର୍ ର:ଅ ଅନୁମତି ପ୍ରଦାନ

> ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## ବିବାହ ସମୟରେ ଧର୍ମକୁ ଅଗ୍ରାଧିକାର ଦେବାପାଇଁ ଶିକ୍ଷା ଦିଆଯାଇଅଛି ।

''ହଜ୍‌ରତ୍ ଅବୁ ହୁରେରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ କହିଛନ୍ତି । ଗୋଟିଏ ମହିଳାଙ୍କୁ ବିବାହ କରିବା ପାଇଁ ଚାରିଗୋଟି ଆଧାର ହୋଇପାରେ । ତାହାଙ୍କ ଧନ ଯୋଗୁଁ, ତାହାଙ୍କ ବଂଶ ଯୋଗୁଁ, ତାହାଙ୍କ ସୌନ୍ଦର୍ଯ୍ୟ ଯୋଗୁଁ ତଥା ତାହାଙ୍କ ଧର୍ମପରାୟଣତା ଯୋଗୁଁ । କିନ୍ତୁ ତୁମେ ଧର୍ମ ପରାୟଣତାକୁ ଅଗ୍ରାଧିକାର ଦିଅ ଏଥିରେ ଈଶ୍ୱର ତୁମର ମଙ୍ଗଳ କରିବେ ।

***(ବୁଖାରୀ, କିତାବୁଲ୍ ନିକାହ୍)***

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଛନ୍ତି: ''ବାହାଘର ସମୟରେ ଯେଉଁ ପ୍ରଥା ରହିଛି, ତାହା ମଧ୍ୟ ଧର୍ମ ଅଟେ । ସେଥିଯୋଗୁଁ ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ ଯେ, ଯେବେ ତୁମେ ବିବାହ କରିବାପାଇଁ ଚିନ୍ତା କରିବ, ସେତେବେଳେ ସବୁ ଜିନିଷ ଉପରେ ସେହି ଝିଅକୁ ଅଗ୍ରାଧିକାର ଦିଅ, ସେହି ବନ୍ଧୁଙ୍କୁ ଦିଅ, ଯାହାଙ୍କ ନିକଟରେ ଅଧିକା ଧର୍ମ ରହିଛି । ତେଣୁ ଏକଥା କହିବା ଠିକ୍ ନୁହେଁ ଯେ ବିଭାଘର କେବଳ ଏକ ହସଖୁସିର ପରିପ୍ରକାଶ ଓ ଆମ ନିଜସ୍ୱ କର୍ମ । ବରଂ ଏହା ଭୁଲ୍ ଧାରଣା ।

ଇସ୍‌ଲାମ୍ ଏକଥା କହିନାହିଁ ଯେ ସଂସାରକୁ ପରିତ୍ୟାଗ କରିଦିଅ ଓ ସମ୍ପୂର୍ଣ୍ଣରୂପେ ଅଲଗା ହୋଇଯାଅ ବୋଲି । କିନ୍ତୁ ଇସ୍‌ଲାମ୍ ଏକଥା ମଧ୍ୟ କହିନାହିଁ ଯେ ସଂସାରରେ ଏତେମାତ୍ରାରେ ମାତିଯାଅ ଯେ ଧର୍ମର ଜ୍ଞାନ ମଧ୍ୟ ନ ରହୁ । ଯଦି ବିଭାଘର କେବଳ କୋଳାହଳ, ଶୋଭାବର୍ଦ୍ଧନ ଏବଂ ଗାଇବା ବଜାଇବା ହୋଇଥାନ୍ତା, ତେବେ ଆଁ ହଜ୍‌ରତ୍ ସ:ଆ:ସ ନିକାହ୍ ଖୁତ୍‌ବାଃରେ ଅଲ୍ଲାଃଙ୍କ ସ୍ତୁତିଗାନରୁ ଆରମ୍ଭ କରିନଥାନ୍ତେ ଏବଂ ପୁଣି ତକ୍‌ୱା (ଧର୍ମପରାୟଣତା) ଗ୍ରହଣ କରିବା ପ୍ରତି ଏତେମାତ୍ରାରେ ଯେଉଁ ଜୋର୍ ଦେଇଛନ୍ତି, ସେଥିପ୍ରତି ଧ୍ୟାନ ଦେଇନଥାନ୍ତେ ବରଂ ବିଭାଘରର ପ୍ରତ୍ୟେକ ଉପଦେଶ ଓ ପ୍ରତ୍ୟେକ ନିର୍ଦ୍ଦେଶର ମୂଳାଧାର ହିଁ ତକ୍‌ୱା ଉପରେ ରଖାଯାଇଅଛି ।''

***(ଖୁତ୍‌ବା ଜୁମା ପ୍ରଦତ ୨୫ ନଭେମ୍ବର ୨୦୦୫)***

**(ନଜାରତ୍ ଇସ୍‌ଲାହ୍ ଓ୍ୱ ଇରଶାଦ୍ ମର୍କଜିୟା କାଦିଆନ୍)**

## ସଦର ଅଞ୍ଜୁମନ ଅହମଦିୟା ତଜଇନ୍ (ସୌନ୍ଦର୍ଯ୍ୟକରଣ) ବିଭାଗରେ ସେବା କରିବାକୁ ଇଚ୍ଛୁକ ବ୍ୟକ୍ତି ଧ୍ୟାନ ଦିଅନ୍ତୁ ।

ତଜଇନ୍ ବିଭାଗ କାଦିଆନ୍‌ରେ ମଞ୍ଜୁର ହୋଇଥିବା ନୂଆ ଆମେରିକାନ୍ ବେସ୍‌ଡ୍ ଗ୍ରାସ କଟର୍ ମେଶିନ୍ ନିମନ୍ତେ ଡ୍ରାଇଭର ପଦବି ପୂରଣ ହେବାର ଅଛି । ଯେଉଁ ବ୍ୟକ୍ତି ଡ୍ରାଇଭର ଭାବେ ଏହି ସେବାକାର୍ଯ୍ୟ କରିବାକୁ ଇଚ୍ଛା ରଖିଛନ୍ତି ସେ ନିଜର ଦରଖାସ୍ତ ଦୁଇ ମାସ ଭିତରେ ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା ନିକଟକୁ ପଠାଇପାରିବେ ।

**ସର୍ତାବଳୀ:**

(୧) ପ୍ରାର୍ଥୀଙ୍କ ନିକଟରେ ଡ୍ରାଇଭିଂ ଲାଇସେନ୍ସ ଏବଂ ଡ୍ରାଇଭିଂର ଅଭିଜ୍ଞତା ଥିବା ଜରୁରୀ (୨) ପ୍ରାର୍ଥୀ ଅଳ୍ପବହୁତ ଟେକ୍‌ନିକାଲ୍ କାମ ମଧ୍ୟ ଜାଣିଥିବେ । ଯଦ୍ୱାରା ଆବଶ୍ୟକସ୍ଥଳେ ଏହି କଟର୍ ମେଶିନ୍‌ର ମରାମତି ମଧ୍ୟ କରିପାରିବେ । (୩) ପ୍ରାର୍ଥୀ ଟ୍ରାକ୍‌ଟର୍ ଟ୍ରଲି ଚଳାଇବା ଜାଣିଥିବେ (୪) ପ୍ରାର୍ଥୀ ଆଜ୍ଞାକାରୀ ହୋଇଥିବେ ଓ ଆବଶ୍ୟକ ପଡ଼ିଲେ ଅଧିକା କାମ କରିବାକୁ ପ୍ରସ୍ତୁତ ଥିବେ (୫) ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତ ନାହିଁ (୬) ପ୍ରାର୍ଥୀଙ୍କୁ ଜନ୍ମ ପ୍ରମାଣପତ୍ର ଦେବା ଅନିବାର୍ଯ୍ୟ (୭) ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ ପ୍ରାର୍ଥୀ ଚୟନ ବୋର୍ଡ଼ର ଇଂଟରଭ୍ୟୁରେ ଉତୀର୍ଣ୍ଣ ହେବେ (୮) ଏବଂ ଯିଏ ନୂର ହସ୍ପିଟାଲ୍ କାଦିଆନ୍ ଦ୍ୱାରା ପ୍ରଦତ ମେଡ଼ିକାଲ୍ ଫିଟ୍‌ନେସ୍ ସାର୍ଟିଫିକେଟ ମୁତାବକ ସ୍ୱାସ୍ଥ୍ୟବାନ ବିବେଚିତ ହେବେ (୯) ଏହି ଡ୍ରାଇଭର ପଦବୀ ପାଇଁ ପ୍ରାର୍ଥୀଙ୍କୁ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ସମ ଆଲାଉନ୍ସ ଓ ଅନ୍ୟାନ୍ୟ ସୁବିଧା ଦିଆଯିବ (୧୦) କାଦିଆନ୍ ଯାତାୟାତର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ (୧୧) ଯଦି ପ୍ରାର୍ଥୀଙ୍କର ଚୟନ ହୁଏ ତେବେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ପ୍ରାର୍ଥୀ ନିଜେ କରିବେ ।

***Note-*** ଏଥିପାଇଁ ଦରଖାସ୍ତ ଫର୍ମ ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ ଅହମଦିୟା କାଦିଆନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସଠିକ୍ ଭାବେ ପୂରଣ ହୋଇ ହସ୍ତଗତ ହେଲେ ତା ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ।

***(ନାଜିର୍ ଦିୱାନ୍ କାଦିଆନ୍)***

**ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ**

**(Ph) 01872-501130 (Mob) 9877138347, 9646351280**

**email: diwan@qadian.in**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 27 Aug- 3 Sep 2020 Issue No. 35-36

MANAGER
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

କରିଥିଲେ । କାରଣ ସୀମାରେ ଇରାନି ସୈନ୍ୟମାନେ ବାଂରମ୍ବାର ମୁସଲମାନମାନଙ୍କୁ ଅତିଷ୍ଠ କରୁଥିଲେ । ଯେତେବେଳେ ସିରିୟାରୁ ହଜ୍‌ରତ୍ ଅବୁ ଉବୈଦା ଖିଲାଫତ୍ ଦରବାରରୁ ଅଧିକ ସୈନ୍ୟ ସାହାଯ୍ୟ ଲୋଡ଼ିଲେ । ସେତେବେଳେ ହଜ୍‌ତର୍ ଖାଲିଦ୍ ବିନ୍ ୱ୍ଲିଦ୍‌ଙ୍କ ସାଥିରେ ଏକ ବଡ଼ ସୈନ୍ୟ ଦଳ ତାଙ୍କ ସହାୟତା ନିମନ୍ତେ ପ୍ରେରଣ କରାଯାଇଥିଲା । ହଜ୍‌ରତ୍ ଖାଲିଦ୍ ଇରାକ୍‌ରେ ହଜ୍‌ରତ୍ ମୁସ୍‌ନାଙ୍କୁ ନିଜ ଉତରାଧିକାରୀ କରି ଚାଲିଯାଇଥିଲେ ଯଦ୍ୱାରା ଏହି ଅଭିଯାନ ଶୀତଳ ପଡ଼ିଯାଇଥିଲା । କିନ୍ତୁ ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ସମୟ ଆସିଲା ସେତେବେଳେ ପୂନରାୟ ଏହି ଅଭିଯାନ ପ୍ରତି ଧ୍ୟାନ କେନ୍ଦ୍ରିତ କରିଥିଲେ । ହଜ୍‌ରତ୍ ମୁସ୍‌ନା ଶତ୍ରୁମାନଙ୍କୁ କ୍ରମାଗତ ଭାବରେ ପରାସ୍ତ କରି ଇରାକ୍‌ର ଏକ ପ୍ରସସ୍ତ କ୍ଷେତ୍ରକୁ ନିଜ ଅଧିନରେ କରିନେଇଥିଲେ । ସେତେବେଳେ ଇରାକ୍‌ର ଅଂଚଳ କିସ୍‌ରା ଅନ୍ତର୍ଗତ ରହିଥିଲା । ଯେତେବେଳେ ଇରାନି ମୁସଲମାନମାନଙ୍କ କ୍ରମାଗତ ଭାବରେ ବିଜୟ ଦେଖିଲେ ସେମାନଙ୍କ ଚକ୍ଷୁ ଖୋଲିଗଲା ସେମାନେ ପୋରାନ୍ ଦୁଖ୍‌ତ ଯେ କି ଇରାନ୍‌ର ମହାରାଣୀ ଥିଲେ ତାଙ୍କୁ ହଟାଇ ୟଜଦ୍‌ଗର୍ଦ ସିଂହାସନରେ ବସାଇଦେଲେ । ସେ ଗାଦିରେ ବସିବାମାତ୍ରେ ସମଗ୍ର ଇରାନି ଶକ୍ତିକୁ ଏକତ୍ରିତ କରିଦେଲା ଏବଂ ସମଗ୍ର ଦେଶରେ ମୁସଲମାନମାନଙ୍କ ବିରୋଧରେ ଅଗ୍ନୀ ପ୍ରଜ୍ୱଳିତ କଲା । ଯଦ୍ୱାରା ମୁସ୍‌ନା ବାଧ୍ୟ ହୋଇ ପଛକୁ ହଟିଥିଲେ । କିନ୍ତୁ ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କୁ ଏହାର ସୁଚନା ମିଳିଲା ସେତେବେଳେ ଆପଣ ମୁସଲମାନମାନଙ୍କ ସାହାସର ବିଗୁଲ ଫୁଙ୍କି ଦେଇଥିଲେ ଏବଂ ଇରାନି ମାନଙ୍କର ପ୍ରତିଦ୍ୱନ୍ଦିତା ପାଇଁ ଛିଡ଼ା ହୋଇଯାଇଥିଲେ ଏବଂ ଆରବର ପ୍ରତ୍ୟେକ ଦିଗରୁ ଉତ୍ସର୍ଗମୁଳକ ଉଦ୍‌ବେଗ ଉତ୍ପନ୍ନ ହୋଇ ସମଗ୍ର ଆରବବାସୀ ଖିଲାଫତ୍ ଦର୍‌ବାରରେ ହାଜର ହୋଇଯାଇଥିଲେ । ହଜ୍‌ରତ୍ ଉମରଙ୍କ ପରାମର୍ଶ କ୍ରମେ ଏହି ଅଭିଯାନରେ ନେତୃତ୍ୱ ସ୍ୱୟଂମ ନେବାକୁ ସ୍ଥିର କରିଥିଲେ କିନ୍ତୁ ହଜ୍‌ରତ୍ ଅଲୀ ର:ଅ ସ୍ୱୟମଂ ଉକ୍ତ ଅଭିଯାନ ପାଇଁ ନେତୃତ୍ୱ ନେବାପାଇଁ ପ୍ରସ୍ତୁତ ହୋଇଥିଲେ କିନ୍ତୁ ହଜ୍‌ରତ୍ ଅଲୀ ଓ ବଡ଼ ବଡ଼ ସାହାବାମାନେ ମତାମତ ତହିଁରେ ବିଘ୍ନତା ଆଣିଦେଇଥିଲା । ଅର୍ଥାତ ହଜ୍‌ରତ୍ ଉମର୍ ର:ଅଙ୍କୁ ସେମାନେ ନେତୃତ୍ୱ ନେବାକୁ ଦେଇନଥିଲେ ଯେ ହଜୁର ମଦିନାରେ ହିଁ ରୁହନ୍ତୁ ଏବଂ ଇରାନୀମାନଙ୍କ ପାଇଁ ମୁସଲମାନମାନେ ଯେଭଳି ମାତ୍ରାରେ ଏକତ୍ରୀତ ହୋଇଛନ୍ତି ସେମାନେ ହିଁ ଯଥେଷ୍ଟ ସୁତରାଂ ଉକ୍ତ ଉଦ୍ଦେଶ୍ୟ ପାଇଁ ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅଙ୍କ ନାମ ମଧ୍ୟ ଆଗତ ହୋଇଥିଲା । ସେହି ସମୟରେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ଉଠିଲେ ଏବଂ କହିଲେ ହେ ଅମିରୁଲ୍ ମୁମିନିନ୍ ଉକ୍ତ ଅଭିଯାନ ପାଇଁ ମତେ ଉପଯୁକ୍ତ ବ୍ୟକ୍ତି ସମ୍ପର୍କରେ ଜଣା ଅଛି । ହଜ୍‌ରତ୍ ଉମର୍ ର:ଅ କହିଲେ ସେ ବ୍ୟକ୍ତି ଜଣକ କିଏ ? ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ ଅଓଫ୍ କହିଲେ ଯେ, ହଜ୍‌ରତ୍ ସାଆଦ୍ ବିନ୍ ଅବି ୱ୍କାସ୍, ଏହାପରେ ସମସ୍ତେ ତାଙ୍କ ନାମରେ ସହମତି ପ୍ରକାଶ କରିଥିଲେ ଏବଂ ହଜ୍‌ରତ୍ ଉମର୍ ର:ଅ ସାଆଦ୍‌ଙ୍କର ବିଷୟରେ କହିଲେ ଯେ, **ଇନ୍ନହୁ ରଜୁଲୁନ୍ ଖୁଜାଉଦ୍ ରାମିନ୍** ଅର୍ଥାତ ସେ ହେଉଛନ୍ତି ସାହାସୀ ଅତ୍ୟନ୍ତ ଶକ୍ତିଶାଳୀ ଧନୁର୍ଦ୍ଧର ବ୍ୟକ୍ତି । ହଜ୍‌ରତ୍ ମୁସ୍‌ନା ର:ଅ ଜିକାର୍ କୁଫା ଓ ୱ୍ାସିତ ନାମକ ମଧ୍ୟବର୍ତୀ ଅଂଚଳରେ ଅବସ୍ଥିତ ଏକ ସ୍ଥାନ ତହିଁରେ ଆଠ ହଜାର ସଂଖ୍ୟକ ପ୍ରାଣ ଉତ୍ସର୍ଗୀ ବୀରଙ୍କ ସହିତ ହଜ୍‌ରତ୍ ସାଆଦ୍ ର:ଅଙ୍କ ଅପେକ୍ଷାରେ ଥିଲେ ଯେ ସେମାନଙ୍କୁ ଅଲ୍ଲାଃ ତାଲାଙ୍କ ତରଫରୁ ଡ଼ାକରା ଆସିଲା ଏବଂ ସେମାନଙ୍କର ମୃତ୍ୟୁ ଘଟିଲା ଏବଂ ସେ ନିଜର ଭାଇ ହଜ୍‌ରତ୍ ମୁଅନ୍ନାଙ୍କୁ ସେନାପତି ରୁପେ ନିଯୁକ୍ତ କରିଦେଇଥିଲେ । ହଜ୍‌ରତ୍ ମୁଅନ୍ନାଙ୍କୁ ନିର୍ଦ୍ଦେଶବଳୀ କ୍ରମେ ହଜ୍‌ରତ୍ ସାଆଦ୍ ର:ଅଙ୍କ ସହିତ ସାକ୍ଷାତ କରିଥିଲେ ଏବଂ ହଜ୍‌ରତ୍ ମୁସ୍‌ନାଙ୍କ ବାର୍ତା ପହଂଚାଇ ଥିଲେ । ଯେତେବେଳେ ହଜ୍‌ରତ୍ ସାଆଦ୍ ର:ଅ ନିଜ ସୈନ୍ୟ ଦଳର ନିରୀକ୍ଷଣ କଲେ ସେତେବେଳେ ତାଙ୍କ ସୈନ୍ୟଦଳର ସଂଖ୍ୟା ପ୍ରାୟ ତିରିଶି ହଜାର ଥିଲା । ସେ ସୈନ୍ୟଦଳକୁ କ୍ରମାନୁଯାୟୀ ସଜାଇଲେ ଏବଂ ସୈନ୍ୟ ଦଳର ଦକ୍ଷିଣ ପାର୍ଶ୍ୱ ଓ ବାମ ପାର୍ଶ୍ୱକୁ ପୃଥକ ପୃଥକ ଭାବରେ ସ୍ଥିର କରିଦେଇଥିଲେ ଏବଂ ଆଗକୁ ଅଗ୍ରସର ହୋଇ କାଦିସିୟା ସହରର ଘେରାଉ କରିଥିଲେ । କାଦିସିୟା ଯୁଦ୍ଧ ୧୬ ହିଜ୍‌ରୀରେ ଶେଷ ହୋଇଥିଲା । ସେତେବେଳେ ଅବିଶ୍ୱାସକାରୀମାନଙ୍କ ସଂଖ୍ୟା ପ୍ରାୟ ୨ ଲକ୍ଷ ୮୦ ହଜାର ଥିଲା ଓ ସେଥିରେ ତିରିଶିଟି ହାତି ଥିଲେ ଏବଂ ଏମାନଙ୍କ ସଂଖ୍ୟା ଅର୍ଥାତ ମୁସଲମାନ ସୈନ୍ୟଦଳର ସଂଖ୍ୟା ୩୦ ହଜାର ଥିଲା । ରୁସ୍ତମ ଇରାନୀ ସୈନ୍ୟଦଳର ନେତୃତ୍ୱ ନେଇଥିଲା । ହଜ୍‌ରତ୍ ସାଆଦ୍ ର:ଅ ଅବିଶ୍ୱାସକାରୀମାନଙ୍କୁ ଇସ୍‌ଲାମ୍ ଆଡ଼କୁ ନିମନ୍ତ୍ରଣ କରିଥିଲେ । ଉକ୍ତ କାର୍ଯ୍ୟ ପାଇଁ ସାଆଦ୍ ର:ଅ ହଜ୍‌ରତ୍ ମୁଗୈରା ବିନ୍ ସବା ର:ଅଙ୍କ ପ୍ରେରଣ କରିଥିଲେ । ରୁସ୍ତମ ତାଙ୍କୁ କହିଲା ଯେ, ତୁମେମାନେ ଅଭାବି ଓ ଅସହାୟ । ନିଜର ଦାରିଦ୍ର୍ୟତାକୁ ଦୁର କରିବା ନିମନ୍ତେ ତୁମେମାନେ ଏସବୁ ଅଭିଯାନ ଚଳାଇଛ । ଆମେ ତୁମେମାନଙ୍କୁ ଏତେ ଦେବୁ ଯେ ତୁମେମାନେ ସମ୍ପୁର୍ଣ୍ଣରୂପେ ତୃପ୍ତ ହୋଇଯିବ । ପ୍ରତିଉତରରେ ହଜ୍‌ରତ୍ ମୁଗୈରା ବିନ୍ ସୌବା ର:ଅ କହିଲେ, ଯେ ଆମେମାନେ ଅଲ୍ଲାଃ ତାଲାଙ୍କ ରସୁଲ୍‌ଙ୍କ ନିମନ୍ତ୍ରଣକୁ ସ୍ୱୀକାର କରିନେଇଛୁ । ତେଣୁ ଆମେମାନେ ତୁମଙ୍କୁ ଏକ ଈଶ୍ୱର ଆଡ଼କୁ ଡ଼ାକୁଛୁ, ଆମନ୍ତ୍ରିତ କରୁଛୁ । ତେଣୁ ଯଦି ତୁମେ ତାହା ଗ୍ରହଣ କରିନିଅ ତାହାହେଲେ ଏହା ତୁମମାନଙ୍କ ପକ୍ଷେ ମଙ୍ଗଳମୟ ସାବ୍ୟସ୍ତ ହେବ, ଅନ୍ୟଥା ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଯାଅ ଏବଂ ଖଡ୍ଗ ଉତଳନ ହେବ ଯାହା ଦ୍ୱାରା ତୁମ ଓ ଆମମାନଙ୍କ ମଧ୍ୟରେ ନିର୍ଣ୍ଣୟ ହୋଇଯିବ । ଉକ୍ତ ଉତରକୁ ଶୁଣି ରୁସ୍ତମ୍‌ର ମୁଖମଣ୍ଡଳ କ୍ରୋଧିତ ହୋଇ ଉଠିଥିଲା କାରଣ ପ୍ରଥମେ ସେମାନଙ୍କ ଆଡୁ ଯୁଦ୍ଧ ଘୋଷଣା ହୋଇଥିଲା ଏବଂ ସେହି ଅବିଶ୍ୱାସକାରୀମାନେ ଯୁଦ୍ଧ କରିବାକୁ ବ୍ୟଗ୍ର ହୋଇ ଉଠିଥିଲେ । ମୁସଲମାନମାନେ କହିଲେ ଠିକ୍ ଅଛି ଆମେମାନେ ବର୍ତମାନ ସୁଦ୍ଧା ତ ଯୁଦ୍ଧ ଚାହୁଁନାହୁଁ ଆମେମାନେ ତୁମମାନଙ୍କୁ ଇସ୍‌ଲାମ୍‌ର ସୁନ୍ଦର ବାର୍ତା ପ୍ରଦାନ କରୁଅଛୁ । ଯଦି ତୁମେମାନେ ଯୁଦ୍ଧ କରିବାକୁ ଚାହୁଁଛ ତେବେ ଠିକ୍ ଅଛି ଖଡ୍ଗ ହିଁ ଏହାର ନିର୍ଣ୍ଣୟ କରିବ । ସେ ଯାହା ହେଉ ନା କାହିଁକି ତାହାର ମୁଖମଣ୍ଡଳ କ୍ରୋଧରେ ରକ୍ତବର୍ଣ୍ଣିତ ହୋଇଯାଇଥିଲା । ରୁସ୍ତମ ଥିଲା ମଧ୍ୟ ଜଣେ ଏକ ଅନେକଶ୍ୱରବାଦି ଅତଏବ ସେ କହିଲା ମୁଁ ସୂର୍ଯ୍ୟ, ଚନ୍ଦ୍ରର ଶପଥ କରିକହୁଛି । ଆମେମାନେ ସୂର୍ଯ୍ୟୋଦୟ ହେବା ପୂର୍ବରୁ ଯୁଦ୍ଧର ପ୍ରାରମ୍ଭ କରିବୁ ଏବଂ ତୁମ ସମସ୍ତଙ୍କ ଶୀରଚ୍ଛେଦ କରିବୁ । ହଜ୍‌ରତ୍ ମୁଗୈରା କହିଲେ ଯେ **ଲା ହୌଲା ୱ୍ଲା କୁୱ୍ୱତା ଇଲ୍ଲା ବିଲ୍ଲାହି** ଅର୍ଥାତ ସକଳ ଶକ୍ତିର ଆଧାର ହେଉଛନ୍ତି ଅଲ୍ଲାଃ ତାଲା ଏହା କହି ହଜ୍‌ରତ୍ ମୁଗୈରା ର:ଅ ନିଜ ଅଶ୍ୱ ଉପରେ ଆରୋହଣ କଲେ । ଯେତେବେଳେ ହଜ୍‌ରତ୍ ସାଆଦ୍ ର:ଅଙ୍କୁ ହଜ୍‌ରତ୍ ଉମର୍ ର:ଅଙ୍କ ବାର୍ତା ମିଳିଲା ଯେ, ପ୍ରଥମେ ସେମାନଙ୍କୁ ଇସ୍‌ଲାମ୍‌ର ବାର୍ତା ପହଂଚାଅ ସୁତରାଂ ହଜ୍‌ରତ୍ ସାଆଦ୍ ବିଖ୍ୟାତ କବି ଓ ଅଶ୍ୱାରୋହୀ ହଜ୍‌ରତ୍ ଉମର୍ ବିନ୍ ମାଦି କିର୍‌ବ୍ ଓ ହଜ୍‌ରତ୍ ଅଶ୍‌ଅତ୍ ବିନ୍ କୈସ୍ କନ୍ଦି ସେହି ପ୍ରତିନିଧିମଣ୍ଡଳ ସହିତ ପ୍ରେରଣ କରିଥିଲେ । ଯେତେବେଳେ ସେମାନେ ରୁସ୍ତମ ସହିତ ମୁହାଁମୁହିଁ ହେଲେ ସେତେବେଳେ ସାଆଦ୍ ର:ଅଙ୍କୁ ରୁସ୍ତମ ପଚାରିଲା ଯେ କୁଆଡ଼େ ଯାଉଛ ? ସାଆଦ୍ ର:ଅ ଉତର ଦେଲେ ଯେ ମୁଁ ତୁମର ମୁଖିଆକୁ ଭେଟିବାକୁ ଯାଉଛି । ଅତଏବ ଏହା ଶୁଣି ଦୁହିଁଙ୍କ ମଧ୍ୟରେ ବଚସାମୂଳକ ବାର୍ତାଳାପ ହେଲା । ପ୍ରତିନିଧିମଣ୍ଡଳର ସଦସ୍ୟଗଣ କହିଲେ ଆମେ ନବୀ ସ:ଆ:ସଙ୍କୁ ଏହି ପ୍ରତିଶ୍ରୃତି ଦେଇଛୁ ଯେ ଆମେମାନେ ତୁମ ଅଂଚଳକୁ ଅଧିକାର କରିବୁ ଏହା ଶୁଣି ରୁସ୍ତମ ଗୋଟିଏ ଟୋକେଇ ମାଟି ମଗାଇଲା ଏବଂ କହିଲା ନିଅ ଆମର ଭିଟାମାଟି ଏବଂ ଏହାକୁ ମୁଣ୍ଡ ଉପରେ ଲଦି ନିଅ । ହଜ୍‌ରତ୍ ଉମର୍ ବିନ୍ ମାଦି କୁର୍ବି ଶିଘ୍ର ଉଠିଲେ ଏବଂ ମାଟିର ଟୋକେଇ ନେଇ ଚାଲିଆସିଲେ ଏବଂ କହିଲେ ଏହା ହେଉଛି ସକୁନ ପ୍ରଥା ତେଣୁ ଆମେମାନେ ନିଶ୍ଚୟ ବିଜୟ ହେବୁ ଏବଂ ସେମାନଙ୍କର ଭୁମି ଆମ ଅଧିନକୁ ଆସିଯିବ । ପୁନଶ୍ଚ ଇରାନୀୟ ମହାରାଜାର ଦର୍‌ବାର୍‌ରେ ପହଂଚିଲେ ଏବଂ ତାଙ୍କୁ ଇସ୍‌ଲାମ୍‌ର ବାର୍ତା ପହଂଚାଇଲେ ଏବଂ ଇସ୍‌ଲାମ୍ ଆଡ଼କୁ ନିମନ୍ତ୍ରଣ ଦେଲେ । ଏହା ଶୁଣି ଇରାନ୍‌ର ମହାରାଜା କ୍ଷୁବ୍ଧ ପ୍ରକାଶ କଲେ ଏବଂ କହିଲେ ମୋ ରାଜା ସଭାରୁ ଶିଘ୍ର ବାହାରିଯାଅ ଯଦି ତୁମେ ସନ୍ଦେଶବାହକ ହୋଇନଥାନ୍ତ ତା ହେଲେ ମୁଁ ତୁମର ଶୀର ଛେଦ କରିଦେଇଥାନ୍ତି । ପୁନଶ୍ଚ ମହାରାଜା ରୁସ୍ତମଙ୍କୁ ଆଦେଶ ଦେଲେ ଯେ, ଅମ୍‌ରୋ ବିନ୍ ମାଦି କରି୍‌ବ୍‌ଙ୍କୁ ଏଭଳି ଅଭୁଲା ଶିକ୍ଷା ଦିଅ ଯେ, ସେ ସର୍ବଦା ଏହାକୁ ମନେ ରଖିବ । ଗୁରୁବାର ଦିନ ଜୋହର୍ ନମାଜ ପରେ ଯୁଦ୍ଧର ବିଗୁଲ୍ ଫୁଙ୍କାଯାଇଥିଲା । ହଜ୍‌ରତ୍ ସାଆଦ୍ ର:ଅ ତିନିଥର ଅଲ୍ଲା ହୁ ଅକ୍‌ବର୍‌ର ସ୍ଲୋଗାନ ଉଚ୍ଚ ସ୍ୱରରେ ଦେଇଥିଲେ ଏବଂ ଚତୁର୍ଥଥର ସ୍ଲୋଗାନରେ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା । ହଜ୍‌ରତ୍ ସାଆଦ୍ ସୁସ୍ଥ ଥିଲେ ଏବଂ ଯୁଦ୍ଧ ଭୁମିରେ କସ୍‌ରେ ଉଜୈବ୍ ନାମକ ଉଚ୍ଚକୋଠରୀରେ ବସି ସୈନ୍ୟଦଳକୁ ନିର୍ଦ୍ଦେଶ ଦେଉଥିଲେ । ***(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୭୯-୮୨)***

ଉକ୍ତ ଘଟଣାକୁ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ମଧ୍ୟ ବର୍ଣ୍ଣନା କରିଛନ୍ତି ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ଶାସନକାଳରେ ଯେତେବେଳେ ଖୁସ୍‌ରୋ ପରବେଜ୍‌ର ପୌପୁତ୍ର ୟଜିଦ୍ ଗଦ୍‌ରର ସିଂହାସନ ଆରୋହଣ ପରେ ଇରାକ୍‌ରେ ମୁସଲମାନମାନଙ୍କ ବିରୋଧରେ ବିଶାଳ ସ୍ତରରେ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଯୁଦ୍ଧ ପାଇଁ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱ୍କାସ ର:ଅଙ୍କ ନେତୃତ୍ୱରେ ଏକ ସୈନ୍ୟଦଳ ପ୍ରେରଣ କରିଥିଲେ । ହଜୁର ଯୁଦ୍ଧ ପାଇଁ କାସିଆ ନାମକ ଏକ ସ୍ଥାନକୁ ଚୟନ କଲେ ଏବଂ ହଜ୍‌ରତ୍ ଉମର୍ ର:ଅଙ୍କୁ ଉକ୍ତ ସ୍ଥାନର ନକ୍ସା ମଧ୍ୟ ପ୍ରେରଣ କରିଥିଲେ । ହଜ୍‌ରତ୍ ସାଆଦ୍ ହିଁ କାଦିସିୟା ସ୍ଥାନ ଚୟନ କରିଥିଲେ ଯୁଦ୍ଧ ନିମନ୍ତେ ଏବଂ ତାହାର ନକ୍ସା ସେ ହଜ୍‌ରତ୍ ଉମର୍ ର:ଅଙ୍କୁ ପ୍ରେରଣ କରିଥିଲେ । ହଜ୍‌ରତ୍ ଉମର୍ ର:ଅ ଏହାକୁ ପସନ୍ଦ କରିଥିଲେ କିନ୍ତୁ ଏଥିସହ ଦେଖିଲେ ଯେ, ଇରାନ୍‌ର ମହାରାଜା ସହିତ ଯୁଦ୍ଧ କରିବା ପୂର୍ବରୁ ତୁମମାନଙ୍କର

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan